## ଆଜି କ'ଣ କେଉଁଠି

**ଢେଙ୍କାନାଳ**

- ରାଜ୍ୟସ୍ତରୀୟ ସଫ୍ଟବଲ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବ
ସ୍ଥାନ–ମିନି ଷ୍ଟାଡିୟମ
ସମୟ–ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୨୧।୧୨(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ଗ୍ରାମର ରଜନୀ ବାଘଙ୍କୁ ତାଙ୍କ ପୁତୁରା ବିଦ୍ୟାଧର ବାଘ ଠେଙ୍ଗାରେ ଆକ୍ରମଣ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ରଜନୀ ଘରେ ଏକୁଟିଆ ଥିବାବେଳେ ବିଦ୍ୟାଧର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ମାଡ଼ ମାରିଥିଲେ।

### ବ୍ୟବସାୟୀଙ୍କ ପରଲୋକ

ବଇଣ୍ଡା,୨୧।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଛକ ପୁରାତନ ବ୍ୟବସାୟୀ ଅନିରୁଦ୍ଧ ବେହେରା(୯୦)ଙ୍କ ଶୁକ୍ରବାର ପରଲୋକ ହୋଇଛି। ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ମୃତ୍ୟୁଖବର ପ୍ରସାରିତ ହେବା ପରେ ଅନୁଗୋଳ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଗୀତା ଜୟନ୍ତୀ ପାଳିତ

ଛେଣ୍ଡିପଦା,୨୧।୧୨(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ନୂଆଗାଁ ପଞ୍ଚାୟତ ଡଙ୍ଗାପାଳ ଗୀତା ଭବନଠାରେ ଗୁରୁବାର ଗୀତା ଜୟନ୍ତୀ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ତନୁଜ ମହାପାତ୍ର ପୂଜାର୍ଚ୍ଚନା ସହ ଗୀତା ପାଠ କରିଥିଲେ। ଡ. ସଚ୍ଚିଦାନନ୍ଦ ପ୍ରଧାନ ଉପସ୍ଥିତ ଭକ୍ତଙ୍କୁ ଗୀତା ପୁସ୍ତକ ଦାନ କରିଥିଲେ। ସନ୍ଧ୍ୟାରେ ପ୍ରବଚକ ରୋହିତ କୁମାର ଦାଶ ପ୍ରବଚନ ଦେଇଥିଲେ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆଶିଷ କୁମାର ପ୍ରଧାନ, ଡିଲେଶ୍ୱର ପ୍ରଧାନ, ପ୍ରଫୁଲ୍ଲ ପାଳ ପ୍ରମୁଖ ସହଯୋଗ କରିଥିଲେ।

- ଜିଲା ସଂସ୍କୃତି ପରିଷଦ ବୈଠକରେ ନିଷ୍ପତ୍ତି

# ଜାନୁୟାରୀ ୧୪ରୁ ଅନୁଗୋଳ ମହୋତ୍ସବ

**ଅନୁଗୋଳ ଅଫିସ, ୨୧।୧୨**



- ୩ ଦିନ ଧରି ଅନୁଷ୍ଠିତ ହେବ
- ପଡ଼ିବ ୫ ଦିବସୀୟ ପଲ୍ଲିଶ୍ରୀ ମେଳା
- ସପ୍ତାହକ ମଧ୍ୟରେ ପ୍ରସ୍ତୁତ ହେବ ରୂପରେଖ

ଅନୁଗୋଳ ଜିଲା ସଂସ୍କୃତି ପରିଷଦର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ମହୋତ୍ସବ ନେଇ ଯୋଗଦେଇଥିବା ବିଭିନ୍ନ କମିଟି ସଦସ୍ୟମାନେ ମତ ରଖିଥିଲେ। ପରେ ୭ମ ଜିଲା ମହୋତ୍ସବ ଆସନ୍ତା ଜାନୁୟାରୀ ୧୪, ୧୫ ଓ ୧୬ରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଜିଲାର କଳା, ସଂସ୍କୃତି ଓ ଐତିହ୍ୟକୁ ବଜାୟ ରଖିବା ନିମନ୍ତେ ଜିଲା ମହୋତ୍ସବ ନିୟମିତ ଆୟୋଜନ କରିବାକୁ ମତ ପ୍ରକାଶ ପାଇଥିଲା। ସେହିପରି ଜାନୁୟାରୀ ୬ରେ ମଶାଲ ଶୋଭାଯାତ୍ରା ପୂର୍ବ ବର୍ଷ ଭଳି ଜିଲାର ୩ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରୁ ବାହାରି ମା' ହିଙ୍ଗୁଳା ପୀଠରେ ଏକାଠି ହେବ ବୋଲି ନିଷ୍ପତ୍ତି ହୋଇଥିଲା। ସପ୍ତାହେ ମଧ୍ୟରେ ମହୋତ୍ସବର ରୂପରେଖ ପ୍ରସ୍ତୁତ ହେବ ବୋଲି ସ୍ଥିର ହୋଇଛି।ଏହି ମର୍ଯ୍ୟାଦାଜନକ ମହୋତ୍ସବ ସଫଳ କରିବା ପାଇଁ ସମସ୍ତେ ନିଷ୍ଠାର ସହ ସହଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଥିଲେ। ଏହି ଅବସରରେ ଜିଲାର ଇତିହାସ, କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଉପରେ ଏକ ସ୍ମରଣିକା ଉନ୍ମୋଚନ ହେବ। ସେହିପରି ୫ ଦିନ ବ୍ୟାପୀ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବାକୁ ଥିବାବେଳେ ବାଲୁକା କଳା, କବି ସମ୍ମିଳନୀ, ଯୋଗ ଓ ରକ୍ତଦାନ ଶିବିର ଆଦି ଆୟୋଜନ କରାଯିବ। ଜିଲାର ୮ ବ୍ଲକ, ୨ଟି ପୌର ପରିଷଦ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ଶ୍ରେଷ୍ଠ ଲୋକନୃତ୍ୟ ଦଳ ମହୋତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରାଯିବ। ସଂସ୍କୃତି, ପର୍ଯ୍ୟଟନ ବିଭାଗ ସମେତ ରାଜ୍ୟ ତଥା ବାହାରର ପ୍ରତିଷ୍ଠିତ ଲୋକନୃତ୍ୟ ଦଳଗୁଡ଼ିକ ମହୋତ୍ସବରେ ଅଂଶ ଗ୍ରହଣ କରିବେ। ମହୋତ୍ସବର ଚଳିତ ବର୍ଷର ବାର୍ତ୍ତା ହେଉଛି ଆମ ପରିବେଶର ସୁରକ୍ଷା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ଅନୁଗୋଳ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ, ସାଂସ୍କୃତିକ ସଂଯୋଜିକା ଇନ୍ଦିରା ଦାସ ସହଯୋଗ କରିଥିଲେ।

- ଆନ୍ଦୋଳନ ପରେ ଚେତିଲା ପ୍ରଶାସନ

# ରାସ୍ତା ନିର୍ମାଣ ପ୍ରସ୍ତୁତି

**ଅନୁଗୋଳ ଅଫିସ, ୨୧।୧୨**

ଅନୁଗୋଳର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ କନ୍ଧକୋଇଲି, ସିଟିକୋଇଲି ଓ ବେତର ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ, ଶିକ୍ଷା ଓ ବିଜୁଳି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି, ଆନ୍ଦୋଳନ ପରେ ଏବେ ପ୍ରଶାସନର ଚେତା ଉଦୟ ହୋଇଛି। ଶୁକ୍ରବାର ବିଭିନ୍ନ ବିଭାଗର ଅଧିକାରୀ ଓ ଗ୍ରାମ୍ୟ ପ୍ରତିନିଧିଙ୍କ ଉପସ୍ଥିତିରେ ଏ ନେଇ ଏକ ବୈଠକ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମାଣିକଯୋଡ଼ି ଠାରୁ କନ୍ଧକୋଇଲି ମଠ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବା ସହ ବେତରକୁ ଆଦୌ ଯୋଗାଯୋଗ ନ ଥିବାରୁ ଏକ ମାସ ମଧ୍ୟରେ ବ୍ଲକ କର୍ତ୍ତୃପକ୍ଷ ରାସ୍ତାର ବ୍ୟୟ ଅଟକଳ ଧାର୍ଯ୍ୟ କରି ରିପୋର୍ଟ ଦେବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତୁରନ୍ତ ଉନ୍ନତୀକରଣ କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ବେତର ଓ ସିଟିକୋଇଲିରେ ଦୁଇଟି ମିନି ଅଙ୍ଗନୱାଡ଼ି ସେଣ୍ଟର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଛି। ଏଥିସହ ବିଶୁଦ୍ଧ ପିଇବା ପାଣିର ବ୍ୟବସ୍ଥା ପାଇଁ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପୁନର୍ବାର ସମୀକ୍ଷା କରାଯିବ ବୋଲି ଉପଜିଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ବାରମ୍ବାର ପ୍ରଶାସନ ଉପରୋକ୍ତ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିଲା। ଏ ନେଇ ଗ୍ରାମବାସୀ ଗତ ୧୪ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ମାଣିକଯୋଡ଼ିରୁ ସିଟିକୋଇଲି, କନ୍ଧକୋଇଲି ଦେଇ ଯାଇଥିବା ରାସ୍ତା ଓ ବେତର ଗାଁକୁ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପ୍ରତିଶ୍ରୁତି ରକ୍ଷା ନ କଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉକ୍ତ ବୈଠକରେ କନ୍ଧକୋଇଲି ଗ୍ରାମ ସଭାପତି କୁମୁଦ ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚିରିଗୁଣି, ହାଡ଼ିବନ୍ଧୁ ବେହେରା, ପ୍ରଦୀପ ଦେହୁରୀ, ଅକ୍ଷୟ ଦେହୁରୀ, ଦେବ ବିଶ୍ୱାଳ, କାର୍ତ୍ତିକ ପ୍ରଧାନଙ୍କ ସମେତ ଏସ୍‌ୟୁସିଆଇର କର୍ମକର୍ତ୍ତା ମାନସ ପାଳ, ସୁବାସ ପ୍ରଧାନ, ଦୁଃଖବନ୍ଧୁ ବେହେରା, ଦିଲୀପ ଦେଓ ପ୍ରମୁଖ ଯୋଗ ଦେଇଥିଲେ।

# 'ମଦମୁକ୍ତ ହେଲେ ସମାଜ ନିର୍ଯାତନାମୁକ୍ତ ହେବ'



**ଅନୁଗୋଳ ଅଫିସ, ୨୧।୧୨**

ନାରୀର ନିରାପତ୍ତା ଓ ମର୍ଯ୍ୟାଦାକୁ ସୁନିଶ୍ଚିତ କରିବା, ନିର୍ଯାତନା ବନ୍ଦ କରିବା, ଜଷ୍ଟିସ୍ ବର୍ମା କମିଶନ ସୁପାରିଶ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଅନୁଗୋଳ ଜିଲା କମିଟି ପକ୍ଷରୁ ସ୍ଥାନୀୟ କଳାକେନ୍ଦ୍ର ଠାରେ ଏକ ଜିଲାସ୍ତରୀୟ କନ୍‌ଭେନ୍‌ଶନ୍ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଜିଲା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା ବାଜି ରାଉତ ଛାତ୍ରାବାସ ସମ୍ପାଦିକା କ୍ରିଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ମଦମୁକ୍ତ ନ ହେଲେ ନିର୍ଯାତନାମୁକ୍ତ ସମାଜ ଗଠନ ସମ୍ଭବ ନୁହେଁ ବୋଲି କହିଥିଲେ। ବବିତା ପ୍ରଧାନ ଚିଠା ପ୍ରସ୍ତାବ ଆଗତ କରିଥିବାବେଳେ ରାଜ୍ୟ ଉପସଭାନେତ୍ରୀ ସରୋଜିନୀ ନାୟକ, ସମ୍ପାଦକ ମଣ୍ଡଳୀ ସଭ୍ୟା ପ୍ରମିଳା ପଣ୍ଡା, ଜିଲା ସମ୍ପାଦିକା ମାନସୀ ସ୍ୱାଇଁ, ପ୍ରତିମା ବେହେରା, ମିନାକ୍ଷୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁକୂଳଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା

**କଣିହାଁ, ୨୧।୧୨(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ କଲୋନୀସ୍ଥିତ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ଜନ୍ମମହୋତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏ ନେଇ ସତ୍‌ସଙ୍ଗ ବିହାର ପରିସର ଚଳଚଞ୍ଚଳ ହୋଇଉଠିଥିଲା। ପ୍ରବଚକ ତଥା ଋତ୍ୱିକ୍ ସୁକାନ୍ତ ଦାସ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି, ନବକିଶୋର ମିଶ୍ର ସଭାପତି ଦାୟିତ୍ୱ ତୁଲାଇଥିଲେ। ରେଙ୍ଗାଳି ସତ୍‌ସଙ୍ଗ ବିହାର ମୁଖ୍ୟ ପରିଚାଳକ ଲକ୍ଷ୍ମଣ ବେହେରା, ସମ୍ମାନିତ ଅତିଥି ଭାବେ ଭୋଳେଶ୍ୱର ପ୍ରଧାନ, ଡା. ତୀର୍ଥବାସୀ ରାଉତ, ସନ୍ତୋଷ ମହାପାତ୍ର, କାହ୍ନୁଚରଣ ସାହୁ, ପ୍ରଭାତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟ, ଶାନ୍ତି, ଦୟା, କ୍ଷମାର ମହିମା ଉପଲବ୍ଧି କଲେ ଜୀବନ ଶାନ୍ତିମୟ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

## ଫଟୋରେ ଖବର




ଅନୁଗୋଳ ବିଜୁ ମଇଦାନଠାରେ ଥିବା ରୋଟାରୀ ସ୍କୁଲର ବାର୍ଷିକ ଉତ୍ସବ ପାଳନ ଅବସରରେ ଛାତ୍ରୀମାନେ ଦଳଗତ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ୧୧ ଦିନରେ ୩ ଶହ କିମି ପଦଯାତ୍ରା

**ବଇଣ୍ଡା,୨୧।୧୨(ଡି.ଏନ.ଏ.)**



ବଲାଙ୍ଗୀର ଜିଲାସ୍ଥିତ ଟିଟିଲାଗଡ଼କୁ ଜିଲା ମାନ୍ୟତା ପ୍ରଦାନ ଦାବିରେ ଟିଟିଲାଗଡ଼ ବ୍ଲକ ଗୁଲୁମି ଗ୍ରାମର ରଞ୍ଜନ ଖାସ୍ୟା(୨୪) ପଦଯାତ୍ରା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସେ ତାଙ୍କ ଦାବିପତ୍ର ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି।

ରଞ୍ଜନ ଡିସେମ୍ବର ୧୦ରେ ଟିଟିଲାଗଡ଼ଠାରୁ ପଦଯାତ୍ରା ଆରମ୍ଭ କରିଥିଲେ। ସେଠାରେ ତାଙ୍କୁ ଭାଜପା, ବିଜେଡି, କଂଗ୍ରେସ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ୧୧ ଦିନରେ ସେ ୩୦୦ କିମି ପଦଯାତ୍ରା କରିବାପରେ ଶୁକ୍ରବାର ବଇଣ୍ଡା ଛକ ପରିକ୍ରମା କରିଛନ୍ତି। ତାଙ୍କୁ ବଇଣ୍ଡାଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟିଟିଲାଗଡ଼କୁ ଜିଲା ମାନ୍ୟତା ଦେବା ପାଇଁ ବହୁବାର ଦାବି ହୋଇ ଆସୁଛି। ହେଲେ ସରକାର ଦୃଷ୍ଟି ଦେଉ ନାହାନ୍ତି। ଜିଲା ପାଇଁ ଟିଟିଲାଗଡ଼ ଯୋଗ୍ୟ ଥିଲେ ମଧ୍ୟ ଏଥିପ୍ରତି ଲୋକ ପ୍ରତିନିଧିମାନଙ୍କର ଆନ୍ତରିକତା ନ ଥିବା ସେ ଅଭିଯୋଗ କରିଛନ୍ତି। ଦାବିକୁ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବେ ବୋଲି ସେ ଆଶା ରଖିଛନ୍ତି।

## ନୂଆଗାଁ ବିଜୁ ଯୁବବାହିନୀ ସମ୍ବର୍ଦ୍ଧିତ

**ଛେଣ୍ଡିପଦା ,୨୧।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକର ନୂଆଗାଁ ବିଜୁ ଯୁବବାହିନୀକୁ ବୁଧବାର ବ୍ଲକ ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଗୋଳ ଜିଲାସ୍ତରରେ ଶ୍ରେଷ୍ଠ ଯୁବବାହିନୀ ଭାବେ ଗତ ୧୬ ତାରିଖରେ ଏହି ଯୁବବାହିନୀ ଛେଣ୍ଡିପଦା ବ୍ଲକରେ ଶ୍ରେଷ୍ଠ ବିଜୁ ଯୁବ ବାହିନୀ ଭାବରେ ପୁରସ୍କୃତ ହେବାପରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟକ ସୁଶାନ୍ତ କୁମାର ବେହେରା ଓ ବିଡିଓ ଉନ୍ନୟନ ରୋମାଞ୍ଚଳ ଖମାରୀ ଯୁବବାହିନୀ କର୍ମକର୍ତ୍ତା ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ଯୁବବାହିନୀ ସଂଯୋଜକ ଅଜିତ କୁମାର ବିଶ୍ୱାଳ, ବିଜେଡି ଯୁବ ଛାତ୍ର ସଭାପତି ରାକେଶ କୁମାର ନାଥ, ଯୁବ ଛାତ୍ର ସଭାପତି ସତ୍ୟବ୍ରତ ଦେହୁରୀ, ନୂଆଗାଁ ଯୁବବାହିନୀର ସଭାପତି ଆଶିଷ କୁମାର ପ୍ରଧାନ, ସମ୍ପାଦକ ଶୁଭ୍ରାଂଶୁ ଦେହୁରୀ, ଦୀପକ କୁମାର ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

- ସୁରକ୍ଷା ପରିଷଦର ଅଭିନବ ପ୍ରତିବାଦ

# ରାଜପଥରେ ମାରିଲେ ଝାଡ଼ୁ



ତାଳଚେର ସୁରକ୍ଷା ପରିଷଦ ସଦସ୍ୟମାନେ ରାସ୍ତାରେ ଝାଡ଼ୁ ମାରି ପ୍ରତିବାଦ ଜଣାଉଛନ୍ତି।

**ତାଳଚେର, ୨୧।୧୨(ନି.ପ୍ର.)**

ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ସ୍ଥାଣୁତା ବିରୋଧରେ ତାଳଚେର ସୁରକ୍ଷା ପରିଷଦ ପକ୍ଷରୁ ଗୁରୁବାର ଅଭିନବ ଉପାୟରେ ପ୍ରତିବାଦ କରାଯାଇଛି। ପରିଷଦର ସଦସ୍ୟ ବଳରାମ କୁଣ୍ଡ, ପୂର୍ଣ୍ଣଚନ୍ଦ୍ର ସାହୁ, ଜିତେନ୍ଦ୍ର ଦାସ, ବଜରଙ୍ଗ ଅଗ୍ରୱାଲ, ପ୍ରଦୀପ ମହାରଣା, ଆଇନଜୀବୀ ତଥା ପରିବେଶବିତ୍ ବାଉରୀବନ୍ଧୁ ବେଜ, ଯଯାତି ପଟ୍ଟନାୟକ, କେଶବ ଭୂତିଆ, ପ୍ରକାଶ ମହାରଣା ପ୍ରମୁଖ ସହର ନିକଟବର୍ତ୍ତୀ ୫୩ ନମ୍ବର ଜାତୀୟ ରାଜପଥର ବାଇପାସ ଛକଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଝାଡ଼ୁ ଧରି ସଫା କରିଥିଲେ। ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହି ପ୍ରତିବାଦ ଜାରି ରହିବ ବୋଲି ପରିଷଦ ପକ୍ଷରୁ ସ୍ଥିର କରାଯାଇଛି।

## ବଲ୍ଲଭ ଗ୍ରାମରେ ମା' ମଙ୍ଗଳା ପୂଜା

**ଢେଙ୍କାନାଳ ଅଫିସ,୨୧।୧୨**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଁଶିଆ ଗ୍ରାମପଞ୍ଚାୟତ ବଲ୍ଲଭ ଗ୍ରାମରେ ମା' ମଙ୍ଗଳା ପୂଜା ଓ ନଗର ପରିକ୍ରମାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ପ୍ରତ୍ୟହ ସକାଳେ ଗ୍ରାମ ପରିକ୍ରମା କରିଥିଲେ। ପଣ୍ଡିତ ରାଜକିଶୋର ମିଶ୍ର ଯଜ୍ଞକାର୍ଯ୍ୟ କରିଥିବା ବେଳେ ପଙ୍କଜ ଲୋଚନ ପଣ୍ଡା, ଅକ୍ଷୟ କୁମାର ସ୍ୱାଇଁ, ରଘୁନାଥ ପାଳ, ଶରତ କୁମାର ସାମଲ ପ୍ରମୁଖ ସଂକୀର୍ତ୍ତନରେ ସହଯୋଗ କରିଥିଲେ। ଗୁରୁବାର ପ୍ରବଚକ ଜିତୁ ଦାଶ ପ୍ରବଚନ ଦେଇଥିବାବେଳେ ଗ୍ରାମ ସଭାପତି ପ୍ରେମାନନ୍ଦ ସାମଲ, ସମ୍ପାଦକ ଯୋଗୀନାଥ ବରାଳ, କେଦାର ସାମଲ, ଅଭିମନ୍ୟୁ ପଣ୍ଡା, ସରପଞ୍ଚ ସୁବୋଧ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂକୀର୍ତ୍ତନ ମଣ୍ଡଳୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବନ୍ଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା** ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା **୧୩ର** ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ନୂଆପାଟଣା ଶାଖା / ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନଦାରଙ୍କ ନାମ ଓ ଠିକଣା/ ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
| --- | --- | --- | --- | --- | --- |
| ଋଣଗ୍ରହୀତା: ଶ୍ରୀନିବାସ ଧଳ, ପିତା: ୰ ଲିଙ୍ଗରାଜ ବିକ୍ରମସିଂହ, ସା/ପୋ: ଖୁଣ୍ଟକଟା, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ | ଜାମିନ୍‌ଦାର: ଶ୍ରୀ ମନୋଜ କୁମାର ବିକ୍ରମସିଂହ, ପିତା: ଶ୍ରୀନିବାସ ଧଳ, ସା/ପୋ: ଖୁଣ୍ଟକଟା, ଭାୟା: ବଡ଼ମ୍ବା, ଜିଲ୍ଲା: କଟକ / **ସମ୍ପତ୍ତିର ମାଲିକ:** ଶ୍ରୀନିବାସ ଧଳ | ଶ୍ରୀନିବାସ ଧଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଖୁଣ୍ଟକଟା, ଖାତା ନଂ.: ୭୯୭, ପ୍ଲଟ୍ ନଂ.: ୧୫୦୬/୫୬୩୧, ୧୫୦୬/୫୬୩୬ ଏବଂ ୧୫୦୬/୫୬୩୩, ଯଥାକ୍ରମେ କ୍ଷେତ୍ର: ଏକର୦.୦୩ଡିସିମିଲି, ଏକର୦.୦୨ଡିସିମିଲି ଏବଂ ଏକର୦.୦୨ଡିସିମିଲି, କିସମ: ଘରବାରୀ । | ୧୧.୦୯.୨୦୧୮ | ୧୭.୧୨.୨୦୧୮ | ୨୬.୦୭.୨୦୧୮ ସୁଦ୍ଧା ଟ.୫,୬୨,୯୦୬/- + ସୁଧ ଏବଂ ସେବାବନ୍ଦ ଖର୍ଚ୍ଚ |

ତାରିଖ: ୨୦.୧୨.୨୦୧୮, ସ୍ଥାନ: କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ମକ୍‌ଡ୍ରିଲ, ସଚେତନତା କାର୍ଯ୍ୟକ୍ରମ

**ଛେଣ୍ଡିପଦା,୨୧।୧୨ (ସ୍ୱ.ପ୍ର)**

ଛେଣ୍ଡିପଦା ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ସମିତି ପରିସରରେ ଶୁକ୍ରବାର ବିପର୍ଯ୍ୟୟ ସମୟରେ କିପରି ଧନ ଜୀବନ ରକ୍ଷା କରାଯାଇପାରିବ ସେ ନେଇ ମକ୍‌ଡ୍ରିଲ ସହ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଅଗ୍ନିଶମ ବିଭାଗର କ୍ଷେତ୍ରାଧିକାରୀ ମନୋରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଅଗ୍ନିକାଣ୍ଡରେ ନିଆଁ ଆୟତ୍ତ କରିବାର କୌଶଳ ଉପରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଅନୁଗୋଳ କଲେଜରେ ଚାରା ରୋପଣ



ଅନୁଗୋଳ ଅଫିସ, ୨୧।୧୨: ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷ ରୋପଣ କରାଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରଜାତିର ୪୦ଟି ବୃକ୍ଷ ଲଗାଯାଇଥିଲା। ଅଧାପକ ଚିତ୍ତରଞ୍ଜନ ସାହୁ, ପ୍ରମୋଦ କୁମାର ଷଡ଼ଙ୍ଗୀ, ଅଧାପିକା ଶାଶ୍ୱତୀ ପ୍ରିୟଦର୍ଶିନୀ, ସୁଜ୍ଞାନୀ ରଥ, ମୁଖ୍ୟ କିରାଣି ପବିତ୍ର ମୋହନ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଓ ଏନ୍‌ସିସି କ୍ୟାଡେଟ୍‌ଙ୍କ ସହ ବୃକ୍ଷ ରୋପଣ କରିଥିଲେ। ଏନ୍‌ସିସି ଅଧାପକ ଲ୍ୟୁଟ୍‌ନାଣ୍ଟ ଅଭିମନ୍ୟୁ ଦାସ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

### କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଅନୁଗୋଳ ଅଫିସ, ୨୧।୧୨- ତୁରଙ୍ଗ ସ୍ଥିତ ଡିଭାଇନ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଦୌଡ଼, ଲେମନ ରେସ୍ ଆଦି ପ୍ରତିଯୋଗିତାରେ କୁନି ଛାତ୍ରୀଛାତ୍ରମାନେ ଯୋଗ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୌରପରିଷଦର ପୂର୍ବତନ ଅଧ୍ୟକ୍ଷା ସୁକାନ୍ତି ଦାସ ଅତିଥିଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଅଭିଭାବକଙ୍କ ମଧ୍ୟରେ ଦୌଡ଼ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ପାଢ଼ୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ସ୍କୁଲ ଟ୍ରଷ୍ଟି ସଦସ୍ୟ ସୁଶାନ୍ତ ବେହେରା ଉପସ୍ଥିତ ଥିଲେ।

### ଡିଆଇଇଟି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା





ଛେଣ୍ଡିପଦା,୨୧।୧୨(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷା ତନୁଜା ମିଶ୍ର ଏଥିରେ ସଭାପତିତ୍ୱ କରିଥିବାବେଳେ ଗୁରୁଛାତ୍ର ତପନ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ, ଶିକ୍ଷକ ରାମକୃଷ୍ଣ ପରିଛା, ସୁଜିତ କୁମାର ଲୋହା, ବିକ୍ରମ କୁମାର ସାହୁ, ଜ୍ଞାନୀ ଦୁଷ୍ମନ୍ତ ବେହେରା, ପ୍ରଶିକ୍ଷିକା କଲ୍ୟାଣୀ କୁମାରୀ ଗୌଡ ଓ ପ୍ରତିଭା ଦଲେଇ ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ

ଅନୁଗୋଳ ଅଫିସ, ୨୧।୧୨- ଅନୁଗୋଳ ତୁରଙ୍ଗସ୍ଥିତ ଅମରବାଣୀ କନଭେଣ୍ଟ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କୁମଣ୍ଡ ଜରାସିଙ୍ଗା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ କୁମାର ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସିଷ୍ଟର ରେଜିନା ଡୁଙ୍ଗଡୁଙ୍ଗ ଯୋଗଦେଇଥିବାବେଳେ ଅଧ୍ୟକ୍ଷା ସିଷ୍ଟର ମେରୀ ରେଜିନା ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

### ଭିଡିଓ ଭାଇରାଲ ନେଇ ପୋଲିସର ତନାଘନା

ଖଇରା,୨୧।୧୨(ଡି.ଏନ.ଏ.): ଖଇରା ଅଞ୍ଚଳର ଜଣେ ଯୁବକ ଜଣେ ବିଧାୟକଙ୍କ ନାମରେ ବିବାଦୀୟ ଭିଡିଓ ଭାଇରାଲ କରିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଛି। ଖଇରା ପୋଲିସ ସ୍ଥାନୀୟ ଅଞ୍ଚଳର କେତେକ ଯୁବକଙ୍କୁ ଥାନାକୁ ଆଣି ପଚରା ଉଚୁରା କରୁଛି। ଏ ସମ୍ପର୍କରେ ଖଇରା ଥାନା ଅଧିକାରୀ ଲୋପାମୁଦ୍ରା ନାୟକ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଘଟଣା ସମ୍ପର୍କରେ କିଛି ଜଣାପଡିନାହିଁ।

# ଯୋଜନାର ଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୨୧।୧୨

ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲ ଏଥିରେ ଅଧ୍ୟକ୍ଷତା କରି ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା ସହ ଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ ଓ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗ ଦେଇଥିଲେ। ଅନୁଗୋଳ ପୌରପାଳିକା ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଅଳିଆ ଆବର୍ଜନା ନିୟମିତ ନିଷ୍କାସନ ନିମନ୍ତେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ଶୌଚାଳୟଗୁଡ଼ିକର ଉନ୍ନତୀକରଣ ପାଇଁ ବ୍ୟୟ ଅଟକଳ ପ୍ରସ୍ତୁତ କରି ତୁରନ୍ତ ଜଣାଇବାକୁ କହିଥିଲେ। ଶବ ବ୍ୟବଚ୍ଛେଦ ଗୃହକୁ ରାସ୍ତା ଏବଂ ମା ଓ ଶିଶୁ ଚିକିତ୍ସାଳୟ, ନୂତନ ୧ ଶହ ଶଯ୍ୟା ବିଶିଷ୍ଟ ୱାର୍ଡକୁ ବିକଳ୍ପ ଜଳ ଯୋଗାଣ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ନୂତନ ଓପିଡି ଗୃହ ସହ ଟ୍ରମା ସେଣ୍ଟର ପ୍ରତିଷ୍ଠା ଉପରେ ସଦସ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଛଡ଼ା ସରକାରୀ ବାସଗୃହ ରାସ୍ତାର ଆଲୋକୀକରଣ, ଲିଫ୍ଟ, ର‌୍ୟାମ୍ପ ପ୍ରତିଷ୍ଠା ଓ ଟ୍ରାନ୍ସଫରମର ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦାୟିତ୍ୱରେ ଥିବା ଜିଲା ଯକ୍ଷ୍ମା ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଡିଏମ୍ (ମେଡିକାଲ) ଡା.ଲକ୍ଷ୍ମୀନାରାୟଣ ବିଶୋଇ ବୈଠକର କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା.ରାକେଶ କୁମାର ସାହୁ, ଜିଲା ମ୍ୟାଲେରିଆ ଅଧିକାରୀ ଡା. ବିଶ୍ୱବିହାରୀ ମହାନ୍ତି, ବରିଷ୍ଠ ଆଇନଜୀବୀ ଭବାନୀ ପ୍ରସାଦ ମିଶ୍ର ଓ ସାମାଜିକ କର୍ମୀ କୁଞ୍ଜବିହାରୀ ଦାସଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, କର୍ମଚାରୀ ଏବଂ ରୋଗୀ କଲ୍ୟାଣ ସମିତି ସଦସ୍ୟମାନେ ଯୋଗ ଦେଇଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

### ଗ୍ରାମାଞ୍ଚଳ ଶିକ୍ଷାନୁଷ୍ଠାନରେ ବଞ୍ଚିଛି ପରମ୍ପରା

କଣିହାଁ,୨୧।୧୨(ଡି.ଏନ.ଏ.)

କଣିହାଁ ବ୍ଲକ କାକୁଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାକ୍ତନ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ସଭାପତି ଧରଣୀଧର ନାଥ, ଶିକ୍ଷାବିତ୍ ରାଜକିଶୋର ସାହୁ, ସଚ୍ଚିଦାନନ୍ଦ ସାହୁ, ଡ. ମହେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା ସଭାପତିତ୍ୱ କରିଥିଲେ। ଉତ୍ସବରେ ହାଇସ୍କୁଲର ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଜୟନ୍ତୀ ପାଳନ କମିଟି ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଅନୁଗୋଳ ବାଜି ରାଉତ ଛାତ୍ରାବାସ ସମ୍ପାଦିକା କ୍ରିଷ୍ଣା ମହାନ୍ତି, କୋଶଳା କଲେଜ ପ୍ରଧାପକ ବିଶ୍ୱରଞ୍ଜନ ପ୍ରଧାନ, ଇ. ଧନେଶ୍ୱର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟ ଜୟନ୍ତୀ କମିଟି ସଭାପତି ରୁଦ୍ରମଣୀ ଦେହୁରୀ ସଭାପତିତ୍ୱ କରିଥିଲେ। ଗ୍ରାମାଞ୍ଚଳର ଶିକ୍ଷାନୁଷ୍ଠାନରେ ସଭିଙ୍କୁ ସମ୍ମାନ ଦେବାର ପରମ୍ପରା ଓ ସଂସ୍କୃତିକୁ ବଞ୍ଚି ରହିଛି ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦେହୁରି, ଶିକ୍ଷାନୁଷ୍ଠାନର କର୍ମଚାରୀ, କମିଟି ସଦସ୍ୟମାନେ ସହଯୋଗ କରିଥିଲେ।





ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଭାରତ ବନ୍ଦ ସଫଳ ନେଇ ଆଲୋଚନା

ବଅଁରପାଳ, ୨୧।୧୨(ଡି.ଏନ.ଏ.)

ଆଗାମୀ ଜାନୁୟାରୀ ୮ ଓ ୯ରେ ଭାରତ ବନ୍ଦକୁ ସଫଳ କରିବା ନିମନ୍ତେ ନାଲ୍‌କୋ ଶ୍ରମିକ କଂଗ୍ରେସ ଭବନ ଠାରେ ଶ୍ରମିକ ସଙ୍ଗଠନ ଗୁଡିକର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଇଏନ୍‌ଟିୟୁସି ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଭାରତ ସରକାର ୪୨ଟି ୟୁନିୟନ ଡିସ୍‌ପୁଟ ଆକ୍ଟକୁ ପରିବର୍ତ୍ତନ କରି ଶ୍ରମିକମାନଙ୍କ ଅଧିକାରକୁ ସୀମିତ କରିବାକୁ ଉଦ୍ୟମ କରିବା ଘଟଣାକୁ କେନ୍ଦ୍ରୀୟ ନେତୃମଣ୍ଡଳୀ ନିନ୍ଦା କରିଥିଲେ। ଦରଦାମ ବୃଦ୍ଧି, ସ୍ଥାୟୀ ନିଯୁକ୍ତି, ଆକ୍ଟରେ ପରିବର୍ତ୍ତନ, ସର୍ବନିମ୍ନ ମଜୁରୀ ୧୮ ହଜାର ଟଙ୍କା, ଠିକା ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଆଦି ଉପରେ ଆଲୋଚନା କରାଯାଇଥିଲା। ଭାରତ ବନ୍ଦକୁ କିଭଳି ସଫଳ କରାଯାଇ ପାରିବ ସେ ସମ୍ପର୍କରେ ମଧ୍ୟ ବିଷଦ ଭାବେ ଚର୍ଚ୍ଚା କରାଯାଇ ଥିଲା। ରାଜ୍ୟ ଆଇଏନ୍‌ଟିୟୁସି ସଭାପତି ମଦନମୋହନ ବିଶ୍ୱାଳ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସିର ପୂର୍ଣ୍ଣଚନ୍ଦ୍ର ବେହେରା, ଏଚ୍‌ଏମ୍‌ଏସ୍‌ର ପବିତ୍ର ବିଶ୍ୱାଳ, ସିଟୁର ଉପେନ୍ଦ୍ର ଶର୍ମା, ଏଆଇସିସିଟିୟୁର ବଂଶୀଧର ପରିଡା, ନେସର ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, ଜିଲା ଆଇଏନ୍‌ଟିୟୁସି ସଭାପତି ଦିଗାମ୍ବର ଗଡନାୟକ, ମାଙ୍ଗିଲାଲ ସାମଲ, ବିଭୂତି ଶତପଥୀ, ବ୍ରଜବନ୍ଧୁ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଜିଲା ଯୁବ ରେଡ୍‌କ୍ରସ ଶିବିର





ଶିବିରରେ ମଞ୍ଚାସୀନ ଅତିଥିମାନେ।

ତାଳଚେର, ୨୧।୧୨(ନି.ପ୍ର.)

ଅନୁଗୋଳ ଜିଲା ଯୁବ ରେଡ୍‌କ୍ରସ ଶିବିର ଶୁକ୍ରବାର ସ୍ଥାନୀୟ ଗଡତଳ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାର ୪୬ଟି ମହାବିଦ୍ୟାଳୟ, ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସ୍ୱେଚ୍ଛାସେବୀ, କାଉନସେଲରମାନେ ଏଥିରେ ଯୋଗ ଦେଇଛନ୍ତି। ମୁଖ୍ୟଅତିଥି ଭାବେ ଟିଟିପିଏସ୍‌ର ଜେନେରାଲ ମ୍ୟାନେଜର ମିଥିଲେଶ ସିଂହ, ମୁଖ୍ୟବକ୍ତା ଭାବେ ଡିଜିଏମ୍ ଅଲିଅସ ଟପ୍ପୋ, ସମ୍ମାନିତ ଅତିଥିଭାବେ ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ନିଶିକାନ୍ତ କର ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କ ସେବା ମନୋବୃତ୍ତି ଦେଶ ପ୍ରଗତିରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଗଡତଳ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ଯୁବ ରେଡ୍‌କ୍ରସର ସଂଯୋଜକ ତଥା ତାଳଚେର ମହାବିଦ୍ୟାଳୟର ପ୍ରାଧ୍ୟାପକ ସରୋଜ କୁମାର ପ୍ରଧାନ ସ୍ୱାଗତ ଭାଷଣ, ଓଡ଼ିଶା ରାଜ୍ୟ ଯୁବରେଡ୍‌କ୍ରସର ପର୍ଯ୍ୟବେକ୍ଷକ ରବୀନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶିବିର ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ପ୍ରଶିକ୍ଷାର୍ଥୀମାନଙ୍କୁ ସ୍ୱାସ୍ଥ୍ୟସେବା, ବନ୍ଧୁତ୍ୱ, ଏଚଆଇଭି, ଏଡସ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ୨୨ରେ ରକ୍ତଦାନ ଶିବିର ଓ ୨୩ରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ।

### ପ୍ରତି କ୍ଷେତ୍ରରେ ଓଡ଼ିଶା ଅବହେଳିତ

ବଇଣ୍ଡା,୨୧।୧୨(ଡି.ଏନ.ଏ.)

ଭାଜପା ସରକାର ପ୍ରତି କ୍ଷେତ୍ରରେ ଓଡ଼ିଶାକୁ ଅବହେଳା କରୁଛି। ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି କେନ୍ଦ୍ର ସରକାର ପୂରଣ କରି ନାହାନ୍ତି। ବେକାରୀ ସମସ୍ୟା ପ୍ରତି ସରକାର ଗୁରୁତ୍ୱ ଦେଇନାହାନ୍ତି। ସାଢେ ୪ ବର୍ଷ ଶାସନ କାଳରେ ଗରିବଙ୍କ ସମସ୍ୟା କମିବା ପରିବର୍ତ୍ତେ ବଢ଼ିଛି। ରାଜ୍ୟ ସରକାର ଗରିବଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତେଣୁ ସମସ୍ତ ବିଜେଡି କର୍ମୀ ଏହାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଦଳକୁ ମଜବୁତ କରନ୍ତୁ ବୋଲି ଶୁକ୍ରବାର କିଶୋରନଗର ବ୍ଲକ ବଇଣ୍ଡା ସ୍ଥିତ କଲ୍ୟାଣ ମଣ୍ଡପ ନିକଟରେ ଅନୁଷ୍ଠିତ ୧୩ ନଂ. ଜୋନସ୍ତରୀୟ ସାଙ୍ଗଠନିକ ବୈଠକରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ ଏହା କହିଛନ୍ତି। ବ୍ଲକ ବିଜେଡି ସଭାପତି ପ୍ରବୋଧ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ କୁମାର ମାଝି, ବାଳକୃଷ୍ଣ ପ୍ରଧାନ, ଜଳଧର ସାହୁ, ଅମୀୟ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ଧୋବଇ ବେହେରା, ଦୁର୍ଯ୍ୟୋଧନ ପ୍ରଧାନ, ତପନ ପ୍ରଧାନ, ଅର୍ଜୁନ ସାହୁ, ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ଅଙ୍ଗଦାନ ପାଇଁ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ ଅଫିସ,୨୧।୧୨

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସିମିଳଇ ଆଞ୍ଚଳିକ ଡିଗ୍ରୀ କଲେଜରେ ଶୁକ୍ରବାର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶରୀର ଓ ଅଙ୍ଗ ଦାନ ଏବଂ ସାମାଜିକ ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଧରଣୀଧର ବାରିକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି, ଅଙ୍ଗଦାନ ପାଇଁ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। କଲେଜ ଜାତୀୟ ସେବା ସଂସ୍ଥା ପୁରୁଷ ବିଭାଗର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସୁଜିତ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଅନିତା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସୁରେନ୍ଦ୍ର ପରିଡା, ଧରଣୀଧର ସେଠୀ, ଦେବଦତ୍ତ ସାହୁ, ଶଶଧର ସାହୁ, ନରେଶ ବେହେରା, ଅନ୍ତର୍ଯ୍ୟାମୀ ବେହେରା, ଡ. ଜ୍ଞାନେନ୍ଦ୍ର ନାଥ ଦାସ, ଭାରତୀ ବେହେରା, ପରିମିତା ନାୟକଙ୍କ ସମେତ କର୍ମଚାରୀ ବିରଞ୍ଚି ନାରାୟଣ ପୃଷ୍ଟି, ସଚ୍ଚିଦାନନ୍ଦ ଭୁକ୍ତା, ଅନିଲ କୁମାର ପଣ୍ଡା, କିଶୋରଚନ୍ଦ୍ର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଲିଖିତ ଭାବରେ ଅଙ୍ଗଦାନ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ।

# କୃଷକର ଉନ୍ନତିରେ ଦେଶର ପ୍ରଗତି



ବିଧାୟକ ଧାନ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ବଇଣ୍ଡା,୨୧।୧୨(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ କୃତ୍ତିବାସପୁର ସେବା ସମବାୟ ସମିତିଠାରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର କୃଷିର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଗୁଡ଼ିକ କିଭଳି ଚାଷୀଙ୍କ ନିକଟରେ ପହଞ୍ଚି ପାରିବ ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ। କୃଷକର ଉନ୍ନତି ହେଲେ ଦେଶର ପ୍ରଗତି ହେବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଆଠମଲ୍ଲିକ ଉପଜିଲାପାଳ ସୁବାସଚନ୍ଦ୍ର ରାୟଙ୍କ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନନ୍ଦିନୀ ସାହୁ, ସହକାରୀ ଯୋଗାଣ ଅଧିକାରୀ ଦାଶରଥି ସୋରେନ, ସହକାରୀ ନିବନ୍ଧକ ସୁରେନ୍ଦ୍ର କୁମାର ଜେନା, ବଜାର ନିୟନ୍ତ୍ରିତ କମିଟିର ସମ୍ପାଦକ ସୁଶାନ୍ତ କୁମାର ଜେନା, ସୋସାଇଟି ସଭାପତି ବୈଲୋଚନ ସାହୁ, ସମ୍ପାଦକ ସୁଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସ୍ଥାନରୁ ଚାଷୀମାନେ ଧାନ ବିକ୍ରି କରିଥିଲେ।

■ ଜିଲାସ୍ତରୀୟ ଅଭିଭାବକ ସମ୍ମିଳନୀ

# ‘ଦକ୍ଷତା ଏକ କାରିଗରି କୌଶଳ’

ଅନୁଗୋଳ ଅଫିସ, ୨୧।୧୨

ଜିଲାରେ କାର୍ଯ୍ୟକାରୀ ହେଉଥିବା ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନାର ଅଭିଭାବକ ସମ୍ମିଳନୀ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହ ଦକ୍ଷତା ହେଉଛି ଏକ କାରିଗରି କୌଶଳ, ଯାହା ପାଖରେ ଏହା ଅଛି ସେ ସମାଜରେ ସ୍ୱାଭିମାନର ସହ ବଞ୍ଚିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗଦେଇ ଯୁବ ଗୋଷ୍ଠୀ ରୋଜଗାରକ୍ଷମ ହେଲେ ଦେଶ ବିକାଶରେ ସହାୟକ ହେବେ ବୋଲି ମତବ୍ୟକ୍ତ କରିଥିଲେ। ଓରମାସ ସହକାରୀ ନିର୍ଦ୍ଦେଶକ ନିରୋଦ କୁମାର ଜେନା କହିଥିଲେ, ୨୦୧୪-୧୫ରୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୫୧୦୦ ବେକାର ଯୁବତୀ, ଯୁବକଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୪୫୦ ଜଣ ତାଲିମ ନେଇଥିବା ବେଳେ ୨୨୦ ଜଣ ନିଯୁକ୍ତି ପାଇଛନ୍ତି। ତାଲିମ ପ୍ରଦାନକାରୀ ସଂସ୍ଥା, ପ୍ରାକ୍ତନ ପ୍ରଶିକ୍ଷାର୍ଥୀ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ସମନ୍ୱୟ ରଖିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ। ଜିଲା ନିୟୋଜନ ଅଧିକାରୀ ମାନସ ମହାନ୍ତି, ଭୁବନେଶ୍ୱରରୁ ଆସିଥିବା ଓରମାସ ସହକାରୀ ନିର୍ଦ୍ଦେଶକ ନୀଳକଣ୍ଠ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏପିଡି ରାଜେଶ କୁମାର କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ମିଳନୀରେ ଯୋଗଦେଇଥିବା ଅଭିଭାବିକା ଅଭିଭାବକମାନେ।

### ସାଙ୍ଗଠନିକ ବୈଠକ ଓ ୱାର୍ଡ କମିଟି କର୍ମଶାଳା

କଣିହାଁ,୨୧।୧୨(ଡି.ଏନ.ଏ.)

ତାଳଚେର ବିଧାନସଭା ମଣ୍ଡଳୀ କଣିହାଁ ବ୍ଲକ ୯ ନଂ. ଜିଲା ପରିଷଦ ଜୋନ୍‌ର ଟାକୁଆ ଗ୍ରାମ ଟିକିରା ନଦୀକୂଳରେ ଶୁକ୍ରବାର ବିଜେଡିର ସାଙ୍ଗଠନିକ ବୈଠକ ଓ ୱାର୍ଡ କମିଟି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଜେଡି ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସହିତ ଅନେକ ପୂର୍ବତନ ଲୋକ ପ୍ରତିନିଧି, ପଞ୍ଚାୟତରାଜ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ଦଳକୁ ମଜଭୁତ୍ କରିବା ସହିତ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡ଼ିକ ଜନସାଧାରଣଙ୍କ ନିକଟରେ କିପରି ପହଞ୍ଚି ପାରିବ ସେ ନେଇ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପରେ ଏକ ବାଇକ ରାଲି ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକୁ ପ୍ରଚାର କରାଯାଇଥିଲା। ଏହି ଅବସରରେ ଅନ୍ୟ ଦଳର ଅନେକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୪୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଚୋରା କୋଇଲା ଜବତ

ଅନୁଗୋଳ ଅଫିସ, ୨୧।୧୨- ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ଏକ ଚୋରା କୋଇଲା ଗାଡ଼ି ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଲ୍ ହୋଇଥିବା କୋଇଲା ଠାରୁ ଅଧିକ ଲୋଡ୍ ହୋଇଥିବା ଜଣାପଡ଼ିବା ପରେ ପୋଲିସ ନଂ. ୮୮୫/୧୮ରେ ଏକ ମାମଲା ରୁଜୁ କରିଛି। ଗାଡ଼ିରେ ମୋଟ୍ ୧୦ ଟନ୍ କୋଇଲା ଥିବା ବେଳେ ୬ ଟନ୍ର ବିଲ୍ କଟା ହୋଇଥିଲା। ଗିରଫ ଦୁଇଜଣ ହେଲେ ବନ୍ତଲା ବନ୍ଧାଣପୋଶି ଅଞ୍ଚଳର ଚାଳକ କୁଞ୍ଜବିହାରୀ ସେଠୀ(୨୬) ଓ ଛେଣ୍ଡିପଦା ସନ୍ତରାବନ୍ଧର ହେଲପର ସିପୁନ ସେଠୀ(୧୯)। ଗତକାଲି ବିଳମ୍ବିତ ରାତିରେ ଏସ୍‌ପିଙ୍କ ଦ୍ୱାରା ଗଠନ ହୋଇଥିବା ସ୍ପେଶାଲ ସ୍କ୍ୱାଡ୍ ପାଟ୍ରୋଲିଂ କରୁଥିବା ବେଳେ ଚୋରା କୋଇଲା ଗାଡ଼ି (ନଂ.ଓଡି-୧୯କେ-୩୩୫୫)କୁ ଠାବ କରିଥିଲା।

### ଗୁରୁତର ଏସ୍ଆଇଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୨୧।୧୨- ଅନୁଗୋଳ ପମ୍ପାସର ଠାରେ ଦୁର୍ଘଟଣାରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ସବ୍‌ଇନ୍ସପେକ୍ଟର ଅରୁଣ ବେହେରା(୨୮)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର ଖୋର୍ଦ୍ଧା ଅଞ୍ଚଳରେ ହୋଇଥିବାବେଳେ ଅନୁଗୋଳରେ ସେ ପ୍ରୋବିଜନ୍ ପିରିୟଡ୍‌ରେ ଥିଲେ। ଗତ ୯ ତାରିଖରେ ସେ ଓ ସହଯୋଗୀ ସବ୍‌ଇନ୍ସପେକ୍ଟର ଚନ୍ଦନ ଏକ ବାଇକ୍‌ରେ ଅନୁଗୋଳ ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ଉଭୟ ଗୁରୁତର ହୋଇ କଟକରେ ଚିକିତ୍ସାଧୀନ ଥିଲେ। ଚନ୍ଦନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସୂଚନା ମିଳିଛି।

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ: ସ୍ୱାମୀ କୋର୍ଟ ଚାଲାଣ

କୋରେଇ, ୨୧।୧୨(ସ୍ୱ.ପ୍ର.)- ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ସହ ମରଣାନ୍ତକ ଆକ୍ରମଣ ଘଟଣାରେ କୋରେଇ ପୋଲିସ କୋରେଇ ଥାନା ଅନ୍ତର୍ଗତ ହଳଦୀଗଡ଼ିଆ ଗ୍ରାମର ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ତପନ ମିଶ୍ର। ଏ ନେଇ ପୋଲିସ ଏକ ମାମଲା(୨୫୪/୧୮) ରୁଜୁ କରିଛି। ଘଟଣାରୁ ପ୍ରକାଶ ଯେ, ତପନ ସାଦକପୁର ଗ୍ରାମର ସୁରଥ ମଲିକଙ୍କ ଝିଅ ପଲ୍ଲବୀଙ୍କୁ ବିବାହ କରିଥିଲେ । ଉଭୟଙ୍କ ମଧ୍ୟରେ ଯୌତୁକ କଥାକୁ ନେଇ ବାରମ୍ଭାର ଗଣ୍ଡଗୋଳ ହେଉଥିଲା। ଫଳରେ ପଲ୍ଲବୀ କିଛିଦିନ ହେବ ତାଙ୍କ ବାପଘରକୁ ପଳାଇଥିଲେ। ମାତ୍ର ଗୁରୁବାର ତପନ ଶ୍ୱଶୁର ଘରକୁ ଯାଇ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପଲ୍ଲବୀଙ୍କ ପରିବାର ଲୋକେ ତାଙ୍କୁ କୋରେଇ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ତପନ ମେଡିକାଲରେ ପଶି ପଲ୍ଲବୀଙ୍କୁ ମାଡ଼ ମାରିଥିଲେ। ଏ ନେଇ ପଲ୍ଲବୀ ଥାନାରେ ଅଭିଯୋଗ କରିଥିଲେ।

### ବନଦୁର୍ଗା ମନ୍ଦିର ଭୂମିପୂଜନ



ଛେଣ୍ଡିପଦା, ୨୧।୧୨(ଡି.ଏନ.ଏ./ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ କୋଶଳା ଓ ତାଳଚେର ବ୍ଲକ ସୀମାନ୍ତ ପଥରନାଳଠାରେ ଶୁକ୍ରବାର ମା' ବନଦୁର୍ଗା ଦେବୀଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କରାଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଏବଂ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇ ଭୂମିପୂଜା କରିବା ସହ ମନ୍ଦିର ନିର୍ମାଣ ପାଇଁ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଉପରୋକ୍ତ ମନ୍ଦିର ସ୍ଥାନକୁ ସଂଯୋଗ କରୁଥିବା ରାସ୍ତା ଉପରେ ଏକ ପୋଲ ନିର୍ମାଣ ପାଇଁ ମଧ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

### ଅଭିଯୁକ୍ତ ଗିରଫ

କୋରେଇ, ୨୧।୧୨(ସ୍ୱ.ପ୍ର.)-କୋରେଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଘଟଣାରେ କୋରେଇ ପୋଲିସ ଶୁକ୍ରବାର ଅପହରଣକାରୀଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତ ହେଲେ କୋରେଇ ଥାନା ଅନ୍ତର୍ଗତ ପଳସା ଆମ୍ବଗଡ଼ିଆ ଗ୍ରାମର ଚଗଲା ମଲ୍ଲିକ। ଏ ନେଇ ପୋଲିସ ଏକ ମାମଲା (୨୯୧/୧୮) ରୁଜୁ କରିଛି। ପ୍ରକାଶ ଯେ, କିଛିଦିନ ତଳେ ଚଗଲା ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଶୁକ୍ରବାର ପାଣିକୋଇଲି ଥାନା ଅନ୍ତର୍ଗତ କରଦା ମଠରେ ନାବାଳିକାଙ୍କୁ ବିବାହ କରୁଥିବା ପୋଲିସ ଖବର ପାଇଥିଲା। କୋରେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅପହରଣକାରୀଙ୍କୁ ଗିରଫ କରିଥିଲା।

# ସଚେତନ କଲା ନାଟକ ପିଠାକଲି



କଳାକାରମାନେ ନାଟକ ପରିବେଷଣ କରୁଛନ୍ତି।

ଅନୁଗୋଳ ଅଫିସ, ୨୧।୧୨

ଆଦିଭୂମୀ ସାଂସ୍କୃତିକ ଅଭିଯାନ ପକ୍ଷରୁ ସ୍ଥାନୀୟ ବାଜି ରାଉତ ଛାତ୍ରାବାସରେ ନାଟକ ପରିବେଷଣ ହୋଇଯାଇଛି। ପ୍ରଥମେ ଛାତ୍ରାବାସର ଅନ୍ତେବାସୀଙ୍କୁ କଣ୍ଢେଇ ନାଚ 'ଜାଲ ଭିତରେ ଜମି' ପରିବେଷଣ କରାଯାଇଥିଲା। ଏହାପରେ ଅନ୍ତେବାସୀମାନେ କ୍ଷୁଦ୍ର ନାଟକ ପିଠାକଲିର ମଜ୍ଜା ନେଇଥିଲେ। ଯେଉଁଥିରେ ବନବାସୀ ତଥା ଆଦିବାସୀମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଆଇନ ବିଷୟରେ ସଚେତନ କରାଯିବା ସହିତ କିଭଳି ନେତା, ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସେମାନେ ଶୋଷିତ, ନିର୍ଯାତିତ ହେଉଛନ୍ତି ତାହା ନାଟକ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ବନବାସୀ ତଥା ଆଦିବାସୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଙ୍ଗଠନ ପକ୍ଷରୁ ଏହି ପ୍ରୟାସ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଛାତ୍ରାବାସ ସମ୍ପାଦିକା କ୍ରିଷ୍ଟା ମହାନ୍ତି ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଓ ଛତିଶଗଡ଼ର ପ୍ରାୟ ୨୨ଟି ସ୍ଥାନରେ ଏପରି ନାଟକ ପରିବେଷଣ କରାଯିବ ବୋଲି ଆଦିଭୂମୀ ଅନୁଷ୍ଠାନ ନାଟ୍ୟ ସଚେତନତାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଓ ସହଯୋଗୀ ସୁଜାତା ପ୍ରିୟମ୍ବଦା ସୂଚନା ଦେଇଛନ୍ତି।

## ନଗଡ଼ା ଜଙ୍ଗଲରେ ଔଷଧ ଫୋପଡା ଘଟଣା
## ତଦନ୍ତ କରି ଫେରିଲେ ଡାକ୍ତରୀ ଦଳ

କାଳିଆପାଣି, ୨୧।୧୨(ଡି.ଏନ୍.ଏ.)

ଜନସାଧାରଣଙ୍କ ପାଇଁ ଆସୁଥିବା ସରକାରୀ ଔଷଧ ଜଙ୍ଗଲରେ ଫିଙ୍ଗାଯିବା ଘଟଣାକୁ ନେଇ ଶୁକ୍ରବାର ଏକ ଡ଼ାକ୍ତରୀ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି । ଗତ ଗୁରୁବାର ନଗଡା ଜଙ୍ଗଲରେ ଔଷଧ ପଡିଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଏ ନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସିଡିଏମ୍‌ଓ ବାରିସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ସୁକିନ୍ଦା ଡାକ୍ତରଖାନାର ଡାକ୍ତର ବିଶ୍ୱଜିତ ନାୟକ, ଫାର୍ମାସିଷ୍ଟ କାର୍ତ୍ତିକ ସାମଲ, ବ୍ଲକ କୋଅର୍ଡିନେଟର ବିଶ୍ୱଜିତ ସ୍ୱାଇଁ ଏକ ତିନି ଜଣିଆ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରତିନିଧି ଦଳ ପାରାସିଟାମଲ, ମେଟ୍ରୋନାଇଡ଼ାଜୋଲ, ଆମୋକ୍ସିନାଇଲ, ଆଣ୍ଟାସିଡ଼, ବି-କମ୍ପ୍ଲେକ୍ସ କ୍ୟାପ୍‌ସୁଲ, ମେଟ୍ରୋନ, ଓଆରଏସ ପାଉଡର ବିଭିନ୍ନ ପ୍ରକାର ସିରପ, ଲୋସନ, ଆଇଡ୍ରପ ପ୍ରଭୃତି ୩୯ କିସମର ଔଷଧ ଜଙ୍ଗଲରୁ ସଂଗ୍ରହ କରିଥିବା ଜଣାପଡ଼ିଛି। ତେବେ ଜଙ୍ଗଲକୁ କିଭଳି ଭାବରେ ମେଡିସିନ ଆସିଲା ତାହାର ଅଧିକ ତଦନ୍ତ କରାଯାଉଥିବା ସିଡିଏମ୍‌ଓ କହିଛନ୍ତି।

## ଭାଜପା ଜନ ପରାମର୍ଶ ପଦଯାତ୍ରା ଉଦ୍‌ଯାପିତ
# 'ଦୁର୍ନୀତିରେ ବୁଡ଼ି ରହିଛନ୍ତି ରାଜ୍ୟ ସରକାର'



ଢେଙ୍କାନାଳ ଅଫିସ, ୨୧।୧୨

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଗତ ୨୬ ତାରିଖଠାରୁ ଆରମ୍ଭ ହୋଇ ଶୁକ୍ରବାର ସହରସ୍ଥିତ ହାଉସିଂବୋର୍ଡଠାରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟସଭାର ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି ଓ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତାମାନେ ପୌରାଞ୍ଚଳର ୯ନଂ ୱାର୍ଡ ବନମାଳୀପ୍ରସାଦଠାରୁ ଶୋଭାଯାତ୍ରାରେ ବାହାରି ମହିଷାପାଟ, ଗଜମରା, କାଠଗଡା, ଆନନ୍ଦନଗର, ପର୍ବତିଆ ସାହି, କୁଞ୍ଜକାନ୍ତ, ଚଣ୍ଡିଆସାହି, ଗୁଡିଆନାଳୀ, କୁମ୍ଭାରସାହି, ଭାଗିରଥୀ ବିହାରୀ, ଦଣ୍ଡାରାସ୍ତା କୁମ୍ଭାରସାହି, ବାଜିଚୌକ ଓ ହାଉସିଂବୋର୍ଡ ଆଦି ୮ଟି ୱାର୍ଡରେ ପଦଯାତ୍ରା କରିଥିଲେ। ଏହ ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିବା ସହ ଦୀର୍ଘ ୧୯ ବର୍ଷର ଶାସନରେ ବିଜେଡି ସରକାର ଦୁର୍ନୀତିରେ ବୁଡ଼ି ରହିଥିବା ପାଣି ଅଭିଯୋଗ କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରେଶ କୁମାର ମହାପାତ୍ର, ସୁନୀଲ ଶର୍ମା, ପ୍ରଭାରୀ ଭାସ୍କର ନାୟକ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଞ୍ଜନ ପାଣି, ଜିଲା ଓବିସି ମୋର୍ଚ୍ଚା ସଭାପତି ସନାତନ ବେହେରା, ପଦ୍ମଲୋଚନ ସାହୁ, ଭାରତୀ ସ୍ୱାଇଁ, ନୀରଦ କୁମାର ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ ।

# ଅଭିରାମ ପରମହଂସଙ୍କ ବାର୍ଷିକ ଉତ୍ସବ



ଅଭିରାମ ପରମହଂସ ଦେବଙ୍କ ଜିଲାସ୍ତରୀୟ ବାର୍ଷିକ ଉତ୍ସବ ପାଳନ କରାଯାଉଛି।

ଢେଙ୍କାନାଳ ଅଫିସ, ୨୧।୧୨

ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଶୁକ୍ରବାର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଜିଲାସ୍ତରୀୟ ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସକାଳ ସାଢେ ୫ଟାରେ ଠାକୁରଙ୍କ ସିଂହାସନ ବିଜେ, ଘଟ ସ୍ଥାପନ ଓ ପତାକା ଉତ୍ତୋଳନ ଅନୁଷ୍ଠିତ ହୋଇଥିଲା । ସାଢେ ୬ଟାରେ ଗୁରୁବନ୍ଦନା, ଭଜନ ଓ ଜଣାଣ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ସାଢେ ୯ଟାରେ ଠାକୁରଙ୍କ ନଗର ପରିକ୍ରମା, ସିଂହାସନ ବିଜେ ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ସାଢେ ୪ଟାରେ ନୃତ୍ୟାଙ୍ଗନା କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ହୋଇଥିଲା। ଅପରାହ୍ନ ସାଢେ ୫ଟାରେ ବାବାଜୀ ଶ୍ୟାମାନନ୍ଦ ଦାସ ମହାରାଜ ସମ୍ମିଳନୀ ଉଦଘାଟନ କରିଥିଲେ । ସନ୍ଧ୍ୟା ୬ଟାରେ ସନାତନ ଧର୍ମ ଉପରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା । ବେଦାନ୍ତ କେଶରୀ ଶ୍ରୀସନ୍ତୋଷ ଚୈତନ୍ୟ ବ୍ରହ୍ମଚାରୀ ଓ ଇଂ ପାର୍ଥସାରଥି ମହାନ୍ତି ପ୍ରବଚନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଛକଡି ମଲିକଙ୍କ ସମେତ ହୃଦାନନ୍ଦ ପ୍ରଧାନ, ବଳରାମ ପାତ୍ର, ରତିକାନ୍ତ ବେହେରା, ଅବନୀ ବରାଳ, ଦିଲୀପ ରାଜ ପ୍ରମୁଖ ସହଯୋଗ କରିଥିଲେ ।

## ୪ ଅନାଥ ଶିଶୁ ଉଦ୍ଧାର

ଯାଜପୁରରୋଡ, ୨୧।୧୨(ନି.ପ୍ର.)

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଚୂନଭାଟି ଅଞ୍ଚଳରୁ ଜିଲା ଶିଶୁ ମଙ୍ଗଳ ସମିତି ଶୁକ୍ରବାର ୪ ଅନାଥ ଶିଶୁଙ୍କୁ ଉଦ୍ଧାର କରି ସ୍ଥାନୀୟ ଅନ୍ନପୂର୍ଣ୍ଣା ଶିଶୁ ଗୃହରେ ଥଇଥାନ କରିଛନ୍ତି। ସେମାନେ ଜରି ଓ ପ୍ଲାଷ୍ଟିକ୍ ଗୋଟାଇ ଜୀବନ ବିତାଉଥିଲେ। ହିମାଂଶୁ ନାୟକ, ଚନ୍ଦ୍ର ପ୍ରକାଶ ଜୈନ, ଶକ୍ତି ମହାନ୍ତି, ଅବିନାଶ ଖମାର ପ୍ରମୁଖ ଶିଶୁଙ୍କୁ ଠାବ କରି ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ଜଣାଇଥିଲେ। ପୂର୍ବରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଶିଶୁ ସୁରକ୍ଷା ଅଧିକାରୀ କର ଉକ୍ତ ପିଲାଙ୍କ ସମ୍ପର୍କରେ ତଦନ୍ତ ଜାରି ରଖିଥିଲେ।

## ଖଙ୍କିରା କପ୍ କ୍ରିକେଟ ଉଦ୍‌ଘାଟିତ
# ବିସିସି ବଡଚଣା ବିଜୟୀ

ଢେଙ୍କାନାଳ ଅଫିସ, ୨୧।୧୨



ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଉଭୟ ଦଳ ଖେଳାଳି।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରାଠାରେ ୨୬ତମ କେସି ଧୀର ଖଙ୍କିରା କପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମାରୁତି ସ୍ପୋର୍ଟ୍ସ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ସାମଲ ଉଦ୍‌ଘାଟିତ କରିଥିଲେ । ବିସିସି ବଡଚଣା ଓ ପିଙ୍ଗୁଆ କ୍ରିକେଟ କ୍ଲବ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପିଙ୍ଗୁଆ ଦଳ ପ୍ରଥମେ ୧୩୬ ରନ କରିଥିଲା । ଜବାବରେ ବିସିସି ବଡଚଣା ଦଳ ୧୩୭ ରନ କରି ବିଜୟୀ ହୋଇଥିଲା । ମନୋଜ ରଣା ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଧରଣୀଧର ବିଶ୍ୱାଳ ଓ ତାପସ ବାରିକ ମ୍ୟାଚ ପରିଚାଳନା କରିଥିଲେ । ଶନିବାର ଯୋରନ୍ଦା କ୍ରିକେଟ କ୍ଲବ ଓ ବରି ଠେଙ୍ଗଡା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଜାନୁୟାରୀ ୨୩ରୁ ତାଳଚେର ପୁସ୍ତକମେଳା



ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତାମାନେ।

ତାଳଚେର, ୨୧।୧୨(ନି.ପ୍ର.)

ତାଳଚେର ପଞ୍ଚାୟତ ସମିତି ସଭାଘର ଠାରେ ତାଳଚେର ୧୬ତମ ପୁସ୍ତକମେଳାର ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା ପୁସ୍ତକ ମେଳା କମିଟି ସଭାପତି ପରେଶ ଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଆସନ୍ତା ଜାନୁୟାରୀ ୨୩ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ପୁସ୍ତକମେଳାରେ ରାଜ୍ୟର ବହୁ ପୁସ୍ତକ ପ୍ରକାଶକ ଏବଂ ପୁସ୍ତକ ବିକ୍ରେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ସାଧାରଣ ସମ୍ପାଦକ ଦେବୀ ମିଶ୍ର, କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନ ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନେତ୍ରାନନ୍ଦ ମଲ୍ଲିକ୍, ପୌର ପରିଷଦର ନିର୍ବାହୀ ଅଧିକାରୀ ଅତସୀ ପରିଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଉପସଭାପତି ଦୀପକ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଓକିଲ ବିଶ୍ୱେଶ୍ୱର ମିଶ୍ର, ଦେବୀ ପ୍ରସାଦ ରଥ, ରଶ୍ମୀ ରଞ୍ଜନ ମିଶ୍ର, ପ୍ରକାଶ ସାହୁ, ତପନ ମହାରଣା, ସୌଭାଗ୍ୟ ମହାରଣା, ଭାଗ୍ୟରଥି ମହାପାତ୍ର, ଇଂ ରମେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

ଛେଣ୍ଡିପଦା, ୨୧।୧୨ (ଡି.ଏନ.ଏ./ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଜରପଡା ଜୁନିୟର ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ସାହୁ ଯୋଗ ଦେଇଥିଲେ। ଅନୁରେଖା ନାଏକ ଏବଂ ସନ୍ଧ୍ୟାରାଣୀ ସାହୁ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସେହିପରି ବ୍ଲକସ୍ଥିତ ବାପୁଜୀ ମହାବିଦ୍ୟାଳୟରେ ଏକ ସପ୍ତାହ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ଅନ୍ୟ ଅନୁରୂପାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତ, କଲେଜ ଅଧ୍ୟକ୍ଷ ଲୋକନାଥ ସାହୁ, ଅଧ୍ୟାପକ ଡ.ବଳରାମ ସାହୁ ପ୍ରମୁଖ ଯୋଗଦେଇ ଥିଲେ।

# ଭଗବତ ଗୀତା ହିଁ ମାର୍ଗଦର୍ଶକ

ଅନୁଗୋଳ ଅଫିସ, ୨୧।୧୨

ଅନୁଗୋଳ ସ୍ଥିତ ଗୀତାଗ୍ରାମଠାରେ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମହିଳାମାନଙ୍କୁ ନେଇ ଏକ ବିରାଟ କଳସଯାତ୍ର ଅନୁଷ୍ଠିତ ହୋଇଥିଲା। ପ୍ରବଚନ ସଭାରେ ଗୋବର୍ଦ୍ଧନ ପୀଠ ପୁରୀ ଶଙ୍କରାଚାର୍ଯ୍ୟଙ୍କ ରାଷ୍ଟ୍ରୀୟ ଅନୁଷ୍ଠାନ ସନାତନ ସନ୍ଥ ସମାଜର ରାଜ୍ୟ ସଂଯୋଜକ ତଥା ପଣ୍ଡିତ ମହେଶ କୁମାର ସାହ ତାତ୍ତ୍ୱିକ ପ୍ରବଚନ ଦେଇଥିଲେ। ଭଗବତ ଗୀତା ହିଁ ପ୍ରତ୍ୟେକ ମାନବର ପ୍ରକୃଷ୍ଟ ମାର୍ଗଦର୍ଶକ ବୋଲି ସେ ଭକ୍ତମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଗ୍ରାମ ସମିତି ସଭାପତି ଅଚ୍ୟୁତାନନ୍ଦ ଧର, ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ବଳରାମ ଦାସ, ପ୍ରଶନ୍ନ କୁମାର ବିଶ୍ୱାଳ, ପ୍ରାଣବନ୍ଧୁ ସାହୁ, ସୁଧାଂଶୁ ଶେଖର ଦାସ, ପବିତ୍ର ପ୍ରଧାନ, ନନ୍ଦକିଶୋର ସାମନ୍ତ, ବାସୁଦେବ ହୋତା, ବ୍ରଜବନ୍ଧୁ ସାହୁ, ତ୍ରିନାଥ ଦାସ, ପ୍ରଦ୍ୟୁମ୍ନ ଦାସ, ବିଜୟ ପ୍ରଧାନ, ଶାସ୍ୱତ ଦାସ, ସଞ୍ଜୟ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଲିଟିଲହାର୍ଟ୍ସରେ ଅଭିଭାବକ ଦିବସ



ଅନୁଗୋଳ ଅଫିସ, ୨୧।୧୨

ଅନୁଗୋଳ ଲିଟିଲହାର୍ଟ୍ସ ଟଡଲର୍ସ ଏକାଡେମୀର ବାର୍ଷିକ ଅଭିଭାବକ ଦିବସ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଯାଇଛି। ତିନି ଦିବସୀୟ ଏହି ସମାରୋହକୁ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବନଖଣ୍ଡ ଅଧିକାରୀ ଭି.କାର୍ତ୍ତିକ ଉଦ୍‌ଘାଟନ କର ଶିଶୁମାନଙ୍କ ପ୍ରତିଭା ଓ ସୃଜନଶୀଳତା ବିକାଶରେ ଅଭିଭାବକଙ୍କ କିଭଳି ଗୁରୁଦାୟିତ୍ୱ ରହିଛି ତାହା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଭିନାଲ ଅଗ୍ରୱାଲ ଯୋଗଦାନ କରିଥିଲେ। ଦ୍ୱିତୀୟ ଦିବସରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ଓ ଶ୍ୱେତା ଗୁପ୍ତା ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ତିମ ଦିବସରେ ନାଲ୍‌କୋନଗର ଡିପିଏସ୍ କନିଷ୍ଠ ବିଭାଗର ଅଧ୍ୟକ୍ଷା ନିନା ଶର୍ମା ଓ ଅପରାଜିତା ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ଜ୍ୟୋତି ଗୋହିଲ ବାର୍ଷିକ ବିବରଣୀ ପାଠ କରିଥିଲେ।

## ନିର୍ମାଣପରେ ରାସ୍ତାରେ ଫାଟ

ମାର୍ଶାଘାଇ, ୨୧।୧୨(ଡିଏନଏ)

ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତ ଅଧୀନ କୁହୁଡି ଗ୍ରାମରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଢଳେଇ ରାସ୍ତା ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୁହୁଡି ଗ୍ରାମର ମଳିକ ସାହିରୁ ଲିମ୍ବ ଗଛ ପର୍ଯ୍ୟନ୍ତ ଏହି ରାସ୍ତା କାମ କରାଯାଇଛି । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥାଇ ଏହି ଢଳେଇ ରାସ୍ତା କରାଯାଇଥିବା ବେଳେ ନିର୍ମାଣର ଦୁଇସପ୍ତାହ ନ ପୁରୁଣୁ ତାହା ଫାଟି ଗଲାଣି। ଏହି ରାସ୍ତାରେ ନିମ୍ନମାନର ମେଟାଲ,ଚିପ୍‌ସ ବ୍ୟବହାର କରାଯାଇଛି। ସିମେଣ୍ଟ ଭାଗ କମ୍ କରାଯାଇଛ। ଏହାର ତଦନ୍ତ କରିବା ପାଇଁ ଗ୍ରାମର ଜଳଧର ଦାସ, ଭୀମସେନ ସାମଲ,ନିରଞ୍ଜନ ବେହେରା, ରଘୁନାଥ ବେହେରା, ଗୁରୁଚରଣ ସାହୁ, ଗୌରାଙ୍ଗ ସାହୁ, ଗୋବିନ୍ଦ ସାମଲ ପ୍ରମୁଖ ଦାବି କରିଛନ୍ତି।

# ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ବାର୍ଷିକ କ୍ରୀଡ଼ା

ଛେଣ୍ଡିପଦା, ୨୧।୧୨(ସ୍ୱ.ପ୍ର.)




ଛେଣ୍ଡିପଦା ବ୍ଲକ ବଡମହିତଲା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଚତୁର୍ଥ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଫକିରମୋହନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତରେ ଓପିଜିନ୍ଦଲ ଉଚ୍ଚବିଦ୍ୟାଳୟର ଅଧ୍ୟକ୍ଷ ଛନ୍ଦାଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ କୃଷ୍ଣ କୁମାର ଦାସଙ୍କ ପରିଚାଳନାରେ ୨୫୫ରୁ ଉର୍ଦ୍ଧ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜେଏସ୍‌ପିଏଲର ଉପସଭାପତି ଏସ୍ କେ ବର୍ମା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଟିପିସି ପବ୍ଲିକ ସ୍କୁଲ ଟିଟିପିଏସର ଅଧ୍ୟକ୍ଷ ନିଶିକାନ୍ତ କର, ଟିଟିପିଏସ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ଶେଖର ବୋଷ, ସିଏସଆର ଏଜିଏମ ଆଶୁତୋଷ ମିଶ୍ର, ଏଚଆର ଡିଜିଏମ ଆଶିଷ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଦୁଃଶାସନ ବେହେରା ସ୍ମିତାରାଣୀ ଖିଲାରୀ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ମୃତ

ପାଟଣା, ୨୧।୧୨(ସ୍ୱ.ପ୍ର.): ପାଟଣା ବ୍ଲକ ପଲାଶିଘାଟି ପଞ୍ଚାୟତ କୁମୁଳା ବାହାଳି ଗ୍ରାମର ଜଣେ ବୃଦ୍ଧା ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଗୁରୁବାର ରାତିରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ମାଇନୋ ମାଝି। ସେହିପରି ବୁଧବାରଠାରୁ ନିଖୋଜ ଥିବା ଚିନାମାଳିପଶି ଅସନନାଳୀ ଗ୍ରାମର ଜଣେ ବୃଦ୍ଧଙ୍କ ମୃତଦେହ ସୀତା ନଦୀ ନିକଟ ମୁଁହାଣ ଜଙ୍ଗଲରୁ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଉଛନ୍ତି ଖତୁରାମ ମହାନ୍ତ। ଉଭୟଙ୍କ ମୃତଦେହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଥିବା ପୋଲିସ କହିଛି। ଏ ନେଇ ତଦନ୍ତ ଜାରି ରହିଥିବା ଘଟଗାଁ ଥାନା ଏଏସଆଇ ଜ୍ୟୋତ୍ସ୍ନାରାଣୀ ପାତ୍ର କହିଛନ୍ତି।

### ନବଜାତ ଶିଶୁଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର, ୨୧।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାର ନିକଟ ଏକ ପାଣି ଟାଙ୍କିରେ ଶୁକ୍ରବାର ଏକ ନବଜାତ ଶିଶୁ ପୁତ୍ରର ମୃତଦେହ ଉଦ୍ଧାର ହୋଇଛି। କିଏ ପକାଇଛି ଜଣାପଡିନାହିଁ। ଶିଶୁ ୱାର୍ଡ ପାଖରେ ଥିବାରୁ ଶିଶୁର ମୃତ୍ୟୁ ପରେ ସେଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

### ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

ପାଟଣା, ୨୧।୧୨(ସ୍ୱ.ପ୍ର.): ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ତଣ୍ଡଗ୍ରାମ ଝିଙ୍କବାହାଲି ସାହିରେ ଗୁରୁବାର ରାତିରେ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳା ଜଣଙ୍କ ହେଲେ ସୋନୁ ନାଏକଙ୍କ ସ୍ତ୍ରୀ କମଳା(୬୦)। କମଳା ରାତିରେ ଘର ବାହାରକୁ ଆସିଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। କମଳାଙ୍କ ମୁହଁ ସମ୍ପୂର୍ଣ୍ଣ କ୍ଷତବିକ୍ଷତ ହୋଇଯାଇଛି। ତାଙ୍କୁ ସାହାରପଡ଼ାରେ ଫର୍ମାସିଷ୍ଟ ପ୍ରାଣକୃଷ୍ଣ ବେହେରା ପ୍ରାଥମିକ ଚିକିତ୍ସା କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡ. ଶୁଭେନ୍ଦୁ ସାଗର ନାଏକ କମଳାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

### ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

ଆନନ୍ଦପୁର,୨୧।୧୨(ସ୍ୱ.ପ୍ର.): ଆନନ୍ଦପୁର ପୌରପରିଷଦ ୧୩ ନଂ ଖପରାଖାଇ ଗ୍ରାମର ବରିଷ୍ଠ କଂଗ୍ରେସ ନେତା ଅରବିନ୍ଦ ପଟ୍ଟନାୟକ(୭୨)ଙ୍କ ପରଲୋକରେ ଶୋକ ପ୍ରକାଶ ପାଇଛି। ସେ ଖପରାଖାଇ ଉନ୍ନୟନ ପରିଷଦର ସଭାପତି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗରେ ଉନ୍ନୟନ ପରିଷଦର ଉପସଭାପତି କୁଞ୍ଜବନ ମହାପାତ୍ର, ସମ୍ପାଦକ ଗୌରହରୀ ମିଶ୍ର, ସମାଜସେବୀ ଦେବପ୍ରିୟ ପାତ୍ର, ମନୋରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ବେଶ ଜଣାଶୁଣା ଥିଲେ। ଜଣେ ଦକ୍ଷ କଂଗ୍ରେସ ନେତା ଥିଲେ।

### ୨୩ରୁ ଫୁଟବଲ୍ ଟୁର୍ନାମେଣ୍ଟ

ଆନନ୍ଦପୁର, ୨୧।୧୨(ସ୍ୱ.ପ୍ର.): ଆନନ୍ଦପୁର ବ୍ଲକ ତରତରା ଖେଳପଡ଼ିଆଠାରେ ରାଜ୍ୟ ସ୍ତରୀୟ ମା' ତାରିଣୀ କପ୍ ଫୁଟବଲ୍ ଟୁର୍ନାମେଣ୍ଟ ଆସନ୍ତା ୨୩ରୁ ଆରମ୍ଭ ହେବାକୁ ସ୍ଥିର କରାଯାଇଛି। ସମାଜସେବୀ ସୁବ୍ରତ ସାମଲଙ୍କ ସଂଯୋଜନାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବହୁ ବୁଦ୍ଧିଜୀବୀ ଓ ଖେଳପ୍ରେମି ଉପସ୍ଥିତ ରହି ଟୁର୍ନାମେଣ୍ଟର କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। ଟୁର୍ନାମେଣ୍ଟରେ ମା' ଭୁଆଶୁଣି ସ୍ପୋର୍ଟସ୍ କ୍ଲବ ବିଡାନାସୀ, ଧର୍ମଶାଳା ଫୁଟବଲ୍ ଏକାଡେମୀ, ପପୁଲାର୍ କ୍ଲବ ଢେଙ୍କାନାଳ, କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର, ଜଗା ୟୁନାଇଟେଡ୍ ଭୁବନେଶ୍ୱର, ସ୍ପୋର୍ଟସ୍ ହଷ୍ଟେଲ୍ ବାରିପଦା, ସ୍ପୋର୍ଟସ୍ ହଷ୍ଟେଲ୍ ବାଲେଶ୍ୱର, ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ଖୋଲିଲା ଧାନ ମଣ୍ଡି

ପାଟଣା,୨୧।୧୨(ସ୍ୱ.ପ୍ର.): ପାଟଣା ବ୍ଲକରେ ୫ ସ୍ଥାନରେ ଧାନମଣ୍ଡି ଖୋଲିଛି। ପାଟଣା ମୁଖ୍ୟାଳୟ ଧାନମଣ୍ଡିକୁ ଶୁକ୍ରବାର ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ତହସିଲଦାର ଶିବ ପ୍ରସାଦ ମୁର୍ମୁ, ବିଡ଼ିଓ କୁଶଳ ଚନ୍ଦ୍ର ନାଏକ, ସମବାୟ ସମିତି ସଭାପତି ବିଶ୍ୱନାଥ ନାଏକ, ଏମଡ଼ି ବିରବର ଦାଶ, ବୈତରଣୀ ରାଇସ ମିଲ ସ୍ୱାଧିକାରୀ ବିବେକାନନ୍ଦ ଦାଶ, ସମବାୟ ସମିତି ଡାଇରେକ୍ଟର ଅଜିତ ସେଠୀ, ଜାତୀନ୍ଦ୍ର ଦାଶ ଓ ପ୍ରମୋଦ ଭଞ୍ଜଙ୍କ ଉପସ୍ଥିତିରେ ପ୍ରଥମ ଦିନରେ ୩୮୨ ପ୍ୟାକେଟ ଧାନ କ୍ରୟ କରାଯାଇଛି।

■ ସହକାରୀ ଶିକ୍ଷକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

# କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କେନ୍ଦ୍ରାପଡ଼ା ଅଫିସ୍/କଟକ ଅଫିସ, ୨୧।୧୨**

କେନ୍ଦ୍ରାପଡ଼ା ଜିଲା ଜଅଁପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜନ କୁମାର ନାୟକଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୬୧ ଲକ୍ଷ ୮୬ହଜାର ୯୦୦ ଟଙ୍କା। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ରଞ୍ଜନଙ୍କ ବାସଭବନ ସମେତ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ହେଲା କେନ୍ଦ୍ରାପଡ଼ା ଜିଲା କଳପଡ଼ାସ୍ଥିତ ରଞ୍ଜନଙ୍କ ୩ ମହଲା ଆବାସିକ କୋଠା, ପାଟକୁରା ଥାନା ଅଧୀନ ମେହେନ୍ଦିନଗର ଗ୍ରାମରେ ଥିବା ଶ୍ୱଶୁର ଘର ଓ ଜମପଡ଼ା ସ୍କୁଲ ଅଫିସ ଘର। କଳପଡ଼ାସ୍ଥିତ କୋଠାର ମୂଲ୍ୟ ୨୮ ଲକ୍ଷ ୫ହଜାର ୯୦୦ ଟଙ୍କା। କେନ୍ଦ୍ରାପଡ଼ା ଓ ତତ୍‌ସଂଲଗ୍ନ ଅଞ୍ଚଳରେ ନାୟକଙ୍କର ୮ଟି ପ୍ଲଟ ରହିଛି। ଉକ୍ତ ପ୍ଲଟ ସମୂହର ମୂଲ୍ୟ ୩ ଲକ୍ଷ ୯୭ହଜାର ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀରେ ନାୟକ ୯ ଲକ୍ଷ ୨ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କର ୫ଟି ଟ୍ରକ ରହିଛି। ଉକ୍ତ ଟ୍ରକଗୁଡ଼ିକର ମୂଲ୍ୟ ୧ କୋଟି ୧୧ ଲକ୍ଷ ଟଙ୍କା। ଏହାବାଦ ନାୟକଙ୍କର ୨ ଲକ୍ଷ ୮୮ହଜାର ଟଙ୍କା ମୂଲ୍ୟର ଗୋଟିଏ ମାରୁତି ଅଲ୍‌ଟୋ କାର୍, ୩୭ହଜାର ଟଙ୍କା ମୂଲ୍ୟର ଗୋଟିଏ ମୋଟରସାଇକେଲ ଓ ୫ ଲକ୍ଷ ୨୫ ହଜାର ଟଙ୍କା ମୂଲ୍ୟର ସୁନା ଗହଣା ଭିଜିଲାନ୍ସର ହସ୍ତଗତ ହୋଇଛି। ଘର ଯାଞ୍ଚ ସମୟରେ ନାୟକଙ୍କ ଘରୁ ନଗଦ ୨ହଜାର ଟଙ୍କା ଓ ୧ ଲକ୍ଷ ୩୦ହଜାର ମୂଲ୍ୟର ଆସବାବପତ୍ର ଠାବ କରାଯାଇଥିବା ଡିଏସପି ସୁରେନ୍ଦ୍ରନାଥ ରାୟଗୁରୁ ସୂଚନା ଦେଇଛନ୍ତି। ଆୟ ବର୍ହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ରଞ୍ଜନ କହିଛନ୍ତି।



ରଞ୍ଜନଙ୍କ ଘରେ ଭିଜିଲାନ୍ସ ଚଢ଼ାଉ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**କେନ୍ଦୁଝର, ୨୧।୧୨(ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା କାଉଁରିକଳାରେ ଶୁକ୍ରବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏ ନେଇ ମୃତ ମହିଳାଙ୍କ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତକ ଜଣଙ୍କ ହେଲେ ଝୁମ୍ପୁରା ଅଞ୍ଚଳର ହୀରାମଣି ପାତ୍ର। ସେ ମା'ବାପା ଛେଉଣ୍ଡ ଥିଲେ। ଅଭିଯୋଗ ଅନୁଯାୟୀ, ୫ ବର୍ଷ ତଳେ କେନ୍ଦୁଝର ସଦରଥାନା କାଉଁରୀକଳାର ସୁଜିତ ପାତ୍ରଙ୍କୁ ହୀରାମଣି ପ୍ରେମ ବିବାହ କରିଥିଲେ। ବାହା ଘର ସମୟରେ ଶଶୁର ଘର ଲୋକ ଝିଅ ନାମରେ ଥିବା ଅଢେଇ ଲକ୍ଷ ଟଙ୍କା, ସୁନାଗହଣା ନେଇଥିଲେ। ଝିଅ ନାମରେ ଥିବା ଖଣ୍ଡେ ଜାଗାକୁ ମଧ୍ୟ ବିକ୍ରି କରି ସେ ଟଙ୍କା ନେଇଯାଇଥିଲେ। ଶ୍ୱଶୁରଘର ଲୋକ ଅଧିକ ଟଙ୍କା ଦାବି କରି ହୀରାମଣିଙ୍କୁ ନିର୍ଯାତନା ଦେଉଥିଲେ। ବୁଧବାର ରାତିରେ ହୀରାମଣିଙ୍କ ଦେହ ଖରାପ ଅଛି କହି ଶୁଶୁର ଘର ଲୋକ ବାପଘରକୁ ଖବର ଦେଇଥିଲେ। ପରିବାର ଲୋକେ ଆସି ଦେଖିଲା ବେଳକୁ ହୀରାମଣିଙ୍କ ମୃତ୍ୟୁ ହୋଇ ସାରିଥିବା ଅଭିଯୋଗ ହୋଇଛି। ଏହା ଏକ ହତ୍ୟା ବୋଲି ହୀରାମଣିଙ୍କ ବଡ଼ ବାପା ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛି।

# ପିସି ବିରୋଧରେ ଭାଜପାର ବିକ୍ଷୋଭ




ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଆନନ୍ଦପୁର/ ଘସିପୁରା, ୨୧।୧୨ (ସ୍ୱ.ପ୍ର.)**

ଆନନ୍ଦପୁର ନିର୍ବାଚନମଣ୍ଡଳୀ ଯୁବ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପିସି କାରବାର ଓ ବେରୋଜଗାରୀ ବୃଦ୍ଧି ରୋକିବା ଦାବିରେ ଘେରାଉ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ହେମରଞ୍ଜନ ବାରିକଙ୍କ ନେତୃତ୍ୱରେ ଅରୁଣ ଉଦୟ ନାୟକ, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରକାଶ ମଲ୍ଲିକ, ଭାଜପା ଯୁବ ମୋର୍ଚ୍ଚା ନଗର ସଭାପତି ଆଶିଷ ବେହେରା, ନଗର ସଭାପତି ପ୍ରଶାନ୍ତ ମହାପାତ୍ର, ନାରାୟଣ ବାରିକ, ପ୍ରଶାନ୍ତ ମହାନ୍ତ, ବିଜୟ ଜେନା, ସନ୍ଦୀପ ଜେନା, ବିଦ୍ୟାଧର ବାନ୍ଦରା, ପ୍ରଶାନ୍ତ ଜେନା, ବୃନ୍ଦାବନ ଜେନା ପ୍ରମୁଖ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ୍ ଦେଇଥିଲେ। ବେରୋଜଗାରୀ ବୃଦ୍ଧି ପାଉଥିବାରୁ ରାଜ୍ୟର ଲୋକେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଅଭିଯୋଗ କରିଛନ୍ତି।

# ଅନ୍ଧାରରେ ୧୩ ନଂ. ୱାର୍ଡବାସୀ

**ଯୋଡ଼ା, ୨୧।୧୨(ଡି.ଏନ.ଏ.)**

**ମାସେ ହେଲା ନାହିଁ ପାଣି, ବିଦ୍ୟୁତ୍**

ଯୋଡ଼ା ପୌରପାଳିକାର ୧୩ ନଂ ୱାର୍ଡବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଗୁରୁବାର ଯୋଡା ଯୁବ ବିଜେଡି ସଭାପତି ମାନସ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ମହିଳାପୁରୁଷ ଲିଖିତ ଭାବେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ବେହେରା ହଟିଂ, ଓଏମସି କଟା, ଜାମଚନ୍ଦା ବସ୍ତି, ମଙ୍ଗିଲାଲ ହଟିଂରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସେଠାରେ ଥିବା ଟ୍ରାନ୍ସଫର୍ମର ପୋଡି ଯାଇଛି। ବିଦ୍ୟୁତ୍ ଦେୟ ପୈଠ କରାଯାଇଥିଲେ ହେଁ ନୂଆ ଟ୍ରାନ୍ସଫର୍ମର ବସା ଯାଉନି। ଉକ୍ତ ଅଞ୍ଚଳରେ ପାଣି ସମସ୍ୟା ଲାଗି ରହିଛି। ବିଭାଗୀୟ ଏସଡିଓ ଓ ଜେଇଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ୱାର୍ଡବାସୀ ରବୀନ୍ଦ୍ର ଚକ୍ରବର୍ତ୍ତୀ, ରାଜେଶ ପାତ୍ର, ରାଜେନ ପୂର୍ତ୍ତୀ ଓ ଦୀପକ ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି। ଟ୍ରାନ୍ସଫର୍ମର ପୋଡିଯିବା ପରେ ସ୍ଥାନୀୟ ଲୋକେ ଅନ୍ଧକାରରେ ରହୁଛନ୍ତି।

ଏ ନେଇ ଯୋଡ଼ା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ ଯୋଶୀ କହିଛନ୍ତି ଯେ, ଟ୍ୟାଙ୍କର ଜରିଆରେ ପାଣି ପଠାଯାଇଛି। ବିଦ୍ୟୁତ୍ ବିଭାଗ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା ହୋଇଛି। ବିଜୁଳି ଯୋଗାଣ କରାଯିବ। ଯୋଡା ବିଜେଡି ସଭାପତି ମାନସ ଦାସ କହିଛନ୍ତି, ପୌରପାଳିକାର ୧୩ନଂ ୱାର୍ଡର ବିଚ୍ଛିନ୍ନାଞ୍ଚଳ ଭଳି ପରିଲକ୍ଷିତ ହେଉଛି। କୌଣସି ପ୍ରଶାସନିକ ଅଧିକାରୀ ଉକ୍ତ ଅଞ୍ଚଳକୁ ଗସ୍ତରେ ଯାଉନାହାନ୍ତି। ଲୋକଙ୍କ ସମସ୍ୟା ଶୁଣୁନାହାନ୍ତି। ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯିବ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବଡ଼ବିଲ, ୨୧।୧୨(ସ୍ୱ.ପ୍ର.)**

ବଡ଼ବିଲ ପୌରାଞ୍ଚଳ ଦାମୁ ହଟିଂ ୟୁଥ କ୍ଲବ ପକ୍ଷରୁ ସ୍ଥାନୀୟ ଫୁଟବଲ ଗ୍ରାଉଣ୍ଡରେ ୧୯ତମ ଆନ୍ତଃ ରାଜ୍ୟ ନକଆଉଟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମ ବଙ୍ଗରୁ ମୋଟ ୪୮ ଟିମ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ସମାଜିକ କର୍ମୀ ଯୋଗ ଦେଇଥିଲେ। ଦାମୁହଟିଂ କ୍ଲବ ଓ ଏଫସି ଗୁଆଲି ଟିମ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଆରମ୍ଭ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଦାମୁହଟିଂ କ୍ଲବକୁ ୨-୦ ଗୋଲରେ ହରାଇ ଏଫସି ଗୁଆଲି ଟିମ ବିଜୟୀ ହୋଇଛି।

# ପେଟ୍ରୋଲିୟମ ଟ୍ୟାଙ୍କର ଲିକେଜ ରୋକିବା ନେଇ ମକ୍‌ଡ୍ରିଲ

**କେନ୍ଦୁଝର, ୨୧।୧୨(ସ୍ୱ.ପ୍ର.)**

ସଦର ବ୍ଲକ ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ବାଙ୍କମାରୁଣୀ ଛକ ନିକଟରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲ ବିଭାଗ ତରଫରୁ ପେଟ୍ରୋଲିୟମ ଟ୍ୟାଙ୍କର ଲିକେଜ୍ ରୋକିବା ନେଇ ଏକ ଅଫ୍‌ସାଇଟ୍ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ, ପୁଲିସ ବାହିନୀ, ଜିଲା ଅଗ୍ନିଶମ ସେବାକାରୀ ଦଳ, ଆଞ୍ଚଳିକ ପରିବହନ ବିଭାଗ, ଏମ୍‌ଏସ୍‌ପି କାରଖାନା, ବ୍ରାଣ୍ଡ ଆଲାଏଜ୍ ଏବଂ ଜିନ୍ଦଲ କାରଖାନାର ଅଧିକାରୀ ଅଂଶଗ୍ରହଣ କରିଥିଲେ।

ଅଗ୍ନିଶମ ସେବା ଅଧିକାରୀ, ପୁଲିସ ବାହିନୀ ଅଧିକାରୀ ଅଫସାଇଟ୍ ମକ୍‌ଡ୍ରିଲ ଷ୍ଟାଣ୍ଡାଡ ଅପରେଶନ୍ ପ୍ରୋସିଜିୟର ଅନୁସାରେ ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ, ଇଭାକ୍ୟୁଏଶନ, ଫାଏର ଫାଇଟିଂ, ପେଟ୍ରୋଲ ଲିକେଜ୍ କଣ୍ଟ୍ରୋଲ, ଫାଷ୍ଟଏଡ୍ ଉପରେ ବିଭିନ୍ନ ପ୍ରକାର ଅଭ୍ୟାସ କୌଶଳ ପ୍ରଦର୍ଶନ କରିଥିଲେ। ଆଖପାଖରେ ଥିବା ଗ୍ରାମର ଜନସାଧାରଣ, ରାସ୍ତାରେ ଯାତାୟାତ କରୁଥିବା ବାଟୋଇ ପେଟ୍ରୋଲିୟମ ଟ୍ୟାଙ୍କର ଲିକେଜ ରୋକିବା ନେଇ ଅଫସାଇଟ୍ ମକ୍‌ଡ୍ରିଲ ସଚେତନତା କାର୍ଯ୍ୟକ୍ରମ ଦେଖିଥିଲେ। କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଡ ଡାଇରେକ୍ଟର ଅଫ୍ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଇଂ. ଉମେଶ ଚନ୍ଦ୍ର ସୂତାର, ଜିଲା ଓସ୍‌ଡିଏମଏ ଡିପିଓ ମହେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସହାକରୀ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶକ, କେନ୍ଦୁଝର ମଣ୍ଡଳ ଇଂ. ଉମେଶ ଚନ୍ଦ୍ର ସୂତାର, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ନିର୍ମଳ ମହାନ୍ତି, ସଦର ଏସଡିପିଓ ଶ୍ରୀହର୍ଷ ମିଶ୍ର, ଏମଏସପି କାରଖାନାର ଉପସଭାପତି ଇଂ. ଦେବବ୍ରତ ସ୍ୱାଇଁ, ଜୁନିୟର ଏମଭିଆଇ ଇଂ. ରମେଶ ଚନ୍ଦ୍ର ପଣ୍ଡା ଏବଂ ଆସିଷ୍ଟାଣ୍ଟ ଫାୟାର ଅଫିସର ଶଶାଙ୍କ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ପ୍ରଶାସନ ପକ୍ଷରୁ ମକ୍‌ଡ୍ରିଲ କରାଯାଉଛି।

# ଯୋଡ଼ା ମହୋତ୍ସବ ପାଇଁ ପ୍ରସ୍ତୁତି

**ଯୋଡ଼ା, ୨୧।୧୨(ଡି.ଏନ.ଏ.)**

ସ୍ଥାନୀୟ ପୌରପାଳିକାରେ ଯୋଡ଼ା ମହୋତ୍ସବ ପାଳନ ପାଇଁ ବୁଧବାର ରାତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ାସ୍ଥିତ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ୫ରୁ ୩ ଦିନ ଧରି ମହୋତ୍ସବ ପାଳନ କରାଯିବ। ମହୋତ୍ସବ ପଡ଼ିଆରେ ଡଗ୍ ସୋ, ଯୋଗ ଶିବିର, ପୁଷ୍ପ ପ୍ରଦର୍ଶନ, ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା, ୭ରୁ ୧୪ ବର୍ଷ ବାଳିକାଙ୍କ ମଧ୍ୟରେ ସୌନ୍ଦର୍ଯ୍ୟ ପ୍ରତିଯୋଗିତାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

ଯୋଡ଼ା ମହୋତ୍ସବର ବିଶେଷ ଆକର୍ଷଣ ଭାବେ ଲୋକପ୍ରିୟ ଯୁବ କଣ୍ଠଶିଳ୍ପୀ ହ୍ୟୁମାନ ଶାଗର ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ବୈଠକରେ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ ଯୋଶୀ, ଯୋଡା ମହୋତ୍ସବ କମିଟିର ମୁଖ୍ୟ ସଂଯୋଜକ ସୁଶାନ୍ତ ବାରିକ, ଡ. ନିହାର ରଞ୍ଜନ ରାଉତ, ସୁଶାନ୍ତ ବେବର୍ତ୍ତା, ପ୍ରକାଶ ମହାନ୍ତି, ନିରଞ୍ଜନ ବହିଦାର, ଡ. ମାଧବ ମିଶ୍ର, ସ୍ୱରୂପ ପଣ୍ଡା, ସାତ୍ତ୍ୱିକ ପ୍ରିୟଦର୍ଶନ ବେହେରା, ପ୍ରଫୁଲ୍ଲ ନାୟକ, ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ପୂର୍ବତନ ସାଂସଦ ଯଶବନ୍ତ ନାରାୟଣ ସିଂ ଲାଗୁରୀ ଓ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ ମହୋତ୍ସବର ମୁଖ୍ୟ ଉପଦେଷ୍ଟା ରହିଛନ୍ତି।

## ଫକୀରପୁର ଧାନମଣ୍ଡି ଖୋଲିଲା

**ଆନନ୍ଦପୁର/ ଘସିପୁରା, ୨୧।୧୨ (ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁର ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲିଛି। ସମିତିର ସମ୍ପାଦକ ଦୟାନିଧି ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିର ସଭାପତି ଶ୍ରୀଧର ମଳିକ, ନିର୍ଦ୍ଦେଶକ ବୃନ୍ଦାବନ ମଳିକ, ମୁକ୍ତି ମଳିକ, ଛବି ଦେହୁରି ପ୍ରମୁଖ ଉପସ୍ଥିତ ରହି ମଣ୍ଡିର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଅଞ୍ଚଳର ଚାଷୀ ଗିରିଧାରୀ ମିଶ୍ର, ସତ୍ୟବ୍ରତ ମିଶ୍ର, ନିଳମଣି ବେହେରା, ବିପିନି ବିହାରୀ ନାଥ ପ୍ରମୁଖ ସେମାନଙ୍କ ଧାନ ମଣ୍ଡିରେ ବିକ୍ରି କରିଥିଲେ। ପ୍ରଥମ ଦିବସରେ ୧୩୨.୧୩ କୁଇଣ୍ଟାଲ୍ ଧାନ ସଂଗ୍ରହ କରାଯାଇଥିଲା। ମିଲ୍ ପକ୍ଷରୁ ମହେନ୍ଦ୍ର ମହାନ୍ତି ଉପସ୍ଥିତ ରହି ମଣ୍ଡିରୁ ଧାନ କିଣିଥିଲେ। କାର୍ଯ୍ୟକ୍ରମକୁ ଫରେନ କୁମାର ଗୁଇଁ, ମହେଶ୍ୱର ମଳିକ ପରିଚାଳନା କରିଥିଲେ।

## ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା

**ଘସିପୁରା, ୨୧।୧୨**

ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ଗ୍ରାମରେ ଏକ କଂକ୍ରିଟ ରାସ୍ତା ନିର୍ମାଣ ଚାଲିଛି। ବ୍ୟକ୍ତି ସରକାରୀ ଜାଗାରେ ପାଚେରି, ଘର ଓ ଗୁହାଳ କରି ରାସ୍ତାକୁ ସଙ୍କୁଚିତ କରାଯାଉଥିବା ନେଇ ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଥିଲା। ଏ ନେଇ ମାମଲାର ସମାଧାନ ପାଇଁ ଘସିପୁରା ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ଏହି କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ବୀରଗୋବିନ୍ଦପୁର ପଞ୍ଚାୟତ ପୋଖରୀ ହୁଡ଼ାଠାରୁ ୨ନଂ ୩ନଂ ୱାର୍ଡ଼ର କେତେକ ମୁଷ୍ଟିମେୟ ବ୍ୟକ୍ତି ସରକାରୀ ଜାଗାରେ ପାଚେରି, ଘର ଓ ଗୁହାଳ ନିର୍ମାଣ କରିଛନ୍ତି। ରାସ୍ତାକୁ ସଙ୍କୁଚିତ ହୋଇଛି। ରାସ୍ତା ପ୍ରଶସ୍ତିକରଣ ନେଇ ଗ୍ରାମବାସୀଙ୍କ ପକ୍ଷରୁ ୧୦ରେ ଆନନ୍ଦପୁର ବ୍ଲକରେ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ କୁମାର ଠାକରେଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଠିକାଦାର ଜଣଙ୍କ ଜିଲାପାଳଙ୍କ ଆଦେଶକୁ ଅଣଦେଖା କରି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜିଲାପାଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

**ଆନନ୍ଦପୁର,୨୧।୧୨(ସ୍ୱ.ପ୍ର.)**

ଶାଳପଡ଼ାଠାରେ ଥିବା ଆନନ୍ଦପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ସାମଲଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଆନନ୍ଦପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ପରିଚାଳନା କମିଟି ଅଧକ୍ଷା ଡ. ମଧୁସ୍ମିତା ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପିତାମ୍ବର ପଲେଇ, ଅନନ୍ତ ଚରଣ ଖୁଣ୍ଟିଆ, ଗୀତା ମୁର୍ମୁପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବେବି ସହିଲଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନାରେ ସହାୟତା କରିଥିଲେ।



କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରାଯାଉଛି।

## ପୂର୍ବତନ ପ୍ରାଣୀ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ

**କୋଳିମାଟି, ୨୧।୧୨(ଡି.ଏନ.ଏ.)**

ଆନନ୍ଦପୁର ଉପଖଣ୍ଡ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ପ୍ରାଣୀ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ ହୋଇଯାଇଛି। ଆନନ୍ଦପୁର ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ମିନାକ୍ଷୀ ମିଶ୍ରଙ୍କ ନେତୃତ୍ୱରେ ପୂର୍ବତନ ଛାତ୍ରୀ ଶୁଭଦର୍ଶନୀ ସାହୁଙ୍କ ସହଯୋଗରେ ସମ୍ମିଳନୀ ହୋଇଥିଲା। ସମ୍ମିଳନୀରେ ଅବସର ପ୍ରାପ୍ତ ପ୍ରଫେସର ପ୍ରମୋଦ ରାଜ, ମଧୁସୂଦନ ସା, ନବଘନ ସାହୁ ଉପସ୍ଥିତ ରହି ଥିଲେ। ଛାତ୍ରୀଛାତ୍ରଙ୍କୁ ପ୍ରାଣୀ ବିଜ୍ଞାନ ଆବଶ୍ୟକ ଓ ଉପଯୋଗ ବିଷୟରେ ସୂଚନା ଦିଆଯାଇଥିଲା। ପୂର୍ବତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଦ୍ୟୁମ୍ନ ଶତପଥୀ, ମାନସ ରଞ୍ଜନ ସାହୁ, କାଳନ୍ଦୀ ମୁର୍ମୁ, ଅଭିମନ୍ୟୁ ସାହୁ, ଶରତ ପରିହାରୀ, ପୁଷ୍ପଲତା ପରିଡ଼ା, ଶୁଭଦର୍ଶନୀ ସାହୁ, ମମତା ମିଶ୍ର, ପୃଥ୍ୱୀପ୍ରିୟା ଓଝା, ଆଶିଷ କୁମାର ଦାସ, ପ୍ରୀତିରଞ୍ଜନ ସେଠୀ, ହିମାଂଶୁ ଶେଖର ଦାସ, ତନୁଶ୍ରୀ ପଣ୍ଡା ତଥା ବହୁପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

■ ସଡ଼କ ସୁରକ୍ଷା ସଚେତନତା

# ବୁଲେଟ ଯାତ୍ରାରେ ୧୮ ସ୍ୱେଚ୍ଛାସେବୀ




ସଚେତନତା ବାର୍ତ୍ତା ନେଇ ବାହାରିଥିବା ଦଳ।

**ବଡ଼ବିଲ, ୨୧।୧୨(ସ୍ୱ.ପ୍ର.)**

ବଡବିଲରୁ ଶୁକ୍ରବାର ପୂର୍ବାହ୍ନରେ ସଡ଼କ ସୁରକ୍ଷାର ବାର୍ତ୍ତା ନେଇ ୧୨ ବୁଲେଟରେ ୧୮ ଜଣ ସ୍ୱେଚ୍ଛାସେବୀ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଡିସେମ୍ବରଠାରୁ ଜାନୁୟାରୀ ମଧ୍ୟରେ ଖ୍ରୀଷ୍ଟମାସ, ନବ ବର୍ଷର ଆଗମନରେ ପିକନିକ ପାଇଁ ବାହାରିଥାଆନ୍ତି। ଏହି ସମୟ ମଧ୍ୟରେ ବେପରୁଆ ଗାଡି ଚାଳନା, ସଡ଼କ ନିୟମକୁ ଉଲ୍ଲଂଘନ, ସୁରକ୍ଷା ବ୍ୟବସ୍ଥାକୁ ନ ଆପଣେଇବା ଯୋଗୁଁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଥାଏ। ଏହି ଦୁର୍ଘଟଣାକୁ ରୋକିବା ଓ ସଡ଼କ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ମାଧ୍ୟମରେ ବିଭିନ୍ନ ସ୍ଥାନରେ ସଚେତନତା ସୃଷ୍ଟି କରିବାକୁ ଏହି ଯାତ୍ରା ଆରମ୍ଭ ହୋଇଛି।

ସ୍ଥାନୀୟ ଶିବଲାଲ ପାର୍କ ନିକଟରେ ପୂର୍ବାହ୍ନ ୯ ଟା ବେଳେ ସ୍ଥାନୀୟ ବଡବିଲର ରୟାଲ ରାଇଡର ଓ ନେଟିଭ ଭଏସ ତରଫରୁ ସ୍ୱେଚ୍ଛାସେବୀ ଏକତ୍ରିତ ହୋଇଥିଲେ। ବଡ଼ବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା, ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ ଓ ପୋଲିସ ସବଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଶୁଭଙ୍କର ଓ ସଫଳ ସଚେତନତା ଯାତ୍ରା ନିମନ୍ତେ କାମନା କରି ସବୁଜ ପତାକ ଦେଖାଇଥିଲେ। ଦଳ ବଡବିଲରୁ ବାହାରି ଯୋଡା, କେନ୍ଦୁଝର, ଘଟଗାଁ, ପାଣିକୋଇଲି, ଚଣ୍ଡିଖୋଲ, କଟକ, କୋଣାର୍କ, ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସଚେତନତା ବାର୍ତ୍ତା ଦେବ ବୋଲି ଜଣାପଡିଛି।

## ସଂକ୍ଷେପରେ

### ମୁଁ ହିରୋ କାର୍ଯ୍ୟକ୍ରମ

ବଇଣ୍ଡା,୨୧।୧୨(ଡି.ଏନ.ଏ.)- କିଶୋରନଗର ବ୍ଲକ ଅଙ୍ଗପଡ଼ା ହାଇସ୍କୁଲ ଖେଳ ପଡ଼ିଆଠାରେ ଶୁକ୍ରବାର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଅଙ୍ଗପଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ତ୍ରୈଲୋକ୍ୟ ପ୍ରଧାନ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବେ ସରପଞ୍ଚ ଲିଜାଲିନି ସାହୁ, ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ବାହିନୀର ସଭାପତି ମଧୁସ୍ମିତା ସାହୁ, ପତିତପାବନ ତ୍ରିପାଠୀ, ବୈଜୟନ୍ତୀ ପ୍ରଧାନ, ଅଜିତ୍ ବେହେରା, ତରୁଣ ପ୍ରଧାନ, ତୋଫାନ ରଣା, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରେଲର ଦୁର୍ଘଟଣାଗ୍ରସ୍ତ



ପାଲଲହଡ଼ା,୨୧।୧୨(ଡି.ଏନ.ଏ.)- ଖମାର ଥାନା ଖମାର ଗ୍ରାମ ରାଜବାଟି ସାହିରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରେଲର( ନଂ. ଓଡି୧୪-୧୨୪୯) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେଲର ଆଗ ଓ ପଛ ଚକା ଫାଟି ଯିବାରୁ ଏହା ରାସ୍ତା କଡ଼ରେ ଥିବା ଅଙ୍ଗନୱାଡ଼ି ଗୃହ ଏବଂ କୁହୁଁରୁ ବେହେରାଙ୍କ ଘର କାନ୍ଥରେ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୌଭାଗ୍ୟବଶତଃ କୁହୁଁରୁଙ୍କ ପରିବାର ଲୋକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଟ୍ରେଲଟି ରାଉରକେଲାରୁ ଅନୁଗୋଳ ଅଭିମୁଖେ ଯାଉଥିଲା। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ସହର ସଫେଇକୁ ପୁରୁଣା କର୍ମଚାରୀଙ୍କ ବିରୋଧ

# ନୂଆଙ୍କୁ ଆକ୍ରମଣ ଅଭିଯୋଗ

**ଅନୁଗୋଳ ଅଫିସ, ୨୧।୧୨**

ଅନୁଗୋଳ ସହରରେ ଅଳିଆ ସଫେଇକୁ ନେଇ ଶୁକ୍ରବାର ଗଣ୍ଡଗୋଳ ହୋଇଛି। ପୁରୁଣା ସଫେଇ କର୍ମଚାରୀମାନେ ଆନ୍ଦୋଳନରେ ଥିବାରୁ ପୌର କର୍ତ୍ତୃପକ୍ଷ ୨୫ଜଣ ନୂଆ କର୍ମଚାରୀଙ୍କୁ କାର୍ଯ୍ୟରେ ଲଗାଇଥିବା ବେଳେ ତାହାର ବିରୋଧ କରାଯାଇଛି। ଏପରି କି ପୁରୁଣା କର୍ମଚାରୀମାନେ ନୂଆ ସଫେଇ କର୍ମଚାରୀମାନଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିବା ନେଇ ପୌର ପରିଷଦ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

ପୌର ପରିଷଦ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ଅଭିଯୋଗ କରିଛନ୍ତି ଯେ, ପୁରୁଣା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ସହରରୁ ଆବର୍ଜନା ଉଠିପାରୁ ନାହିଁ। କର୍ତ୍ତୃପକ୍ଷ ବାରମ୍ବାର ଆଲୋଚନା କରିଥିଲେ ମଧ ତାହା ବିଫଳ ହେଉଛି। ଫଳରେ ଦୁଇ ଦିନ ହେବ ସହର ଉପକଣ୍ଠରୁ ୨୫ ନୂଆ କର୍ମଚାରୀଙ୍କୁ ଅଣାଯାଇ ସଫେଇ କାର୍ଯ୍ୟ କରାଯାଉଥିଲା। ଶୁକ୍ରବାର ସକାଳୁ ଅମଲାପଡ଼ା, ହେମସୁରପଡ଼ା, ଶିମିଳିପଡ଼ା ପରେ ବସ୍‌ଷ୍ଟାଣ୍ଡରୁ ମାଛମାର୍କେଟ ଛକ ପର୍ଯ୍ୟନ୍ତ ସଫେଇ ହେଉଥିଲା। ଏହି ସମୟରେ ପୁରୁଣା କର୍ମଚାରୀମାନେ ବିରୋଧ କରିଥିଲେ।



ସଫେଇ କର୍ମଚାରୀଙ୍କ ଗଣ୍ଡଗୋଳ ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଜନସାଧାରଣ ।

କିନ୍ତୁ ନୂଆ କର୍ମଚାରୀମାନେ ନ ଶୁଣିବାରୁ ପୁରୁଣା କର୍ମଚାରୀ ଆକ୍ରମଣ ଆରମ୍ଭ କରିଦେଇଥିଲେ। ଏପରି କି ରାସ୍ତାରେ ଭଙ୍ଗା କାଚ ବୋତଲ ଧରି କେତେଜଣ ନୂତନ ସଫେଇ କର୍ମଚାରୀଙ୍କୁ ଗୋଡ଼ାଉଥିବା ଦେଖିବାକୁ ମିଳିଥିଲା। ଏଥିସହ ଝାଡୁ ଅନ୍ୟ ଉପକରଣ ଭାଙ୍ଗାରୁଜା କରିଥିଲେ। ଏହି ଗଣ୍ଡଗୋଳ ସମୟରେ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ହୋଇଯାଇଥିଲା। ଏ ନେଇ ନୂତନ ସଫେଇ କର୍ମଚାରୀମାନେ ଅଭିଯୋଗ କରିବା ପରେ ଚିଠି ନଂ ୮୪୧୫ରେ ୧୩ ଜଣଙ୍କ ନାମରେ ପରିଷଦ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ଜେନା କହିଛନ୍ତି, କେତେଜଣ ଅସାମାଜିକ ଲୋକ ଏପରି କାର୍ଯ୍ୟ କରିଛନ୍ତି। ସେମାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ଅନୁଗୋଳ ପୋଲିସ ନଂ ୮୮୮/୧୮ରେ ଏକ ମାମଲା ରୁଜୁ କରିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

# ରାଜସ୍ୱ ଅଧିକାରୀଙ୍କ ସମୂହ ଛୁଟି ଚେତାବନୀ

**ଅନୁଗୋଳ ଅଫିସ, ୨୧।୧୨**

ରାଜସ୍ୱ ଅଧିକାରୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଠିକ୍ ସମୟରେ ଲୋକଙ୍କ ନିକଟରେ ପହଁଞ୍ଚାଉଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବ ଯୋଗୁ ସମ୍ପୃକ୍ତ ରାଜସ୍ୱ ଅଧିକାରୀମାନେ ହତାଶ ହୋଇପଡ଼ିଛନ୍ତି। ଏହାର ପ୍ରତିବାଦ କରି ସେମାନେ କାର୍ଯ୍ୟ ବର୍ଜନ କରିଥିଲେ ବି ସରକାର ଆଲୋଚନାକୁ ଡାକୁ ନାହାନ୍ତି କି ଦାବି ପୂରଣ ଦିଗରେ ପଦକ୍ଷେପ ନେଉ ନାହାନ୍ତି। ତେଣୁ ରାଜସ୍ୱ ସଚିବଙ୍କ ଭିଡିଓ କନ୍‌ଫେରନ୍ସକୁ ବର୍ଜନ କରାଯାଇଥିବା ବେଳେ ଆଗାମୀ ୨୬ ତାରିଖରୁ ସାମୂହିକ ଛୁଟିରେ ଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଅନୁଗୋଳ ରାଜସ୍ୱ ସେବା ଅଧିକାରୀ ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ